## ମନ୍ଥର ଧାନ ସଂଗ୍ରହ ନେଇ କୃଷକ ସଂଗଠନର ଉଦ୍‌ବେଗ

# ରବିଚାଷ ଲାଗି ହେଲାଣି ପ୍ରସ୍ତୁତି, ଖରିଫ ଧାନ ଉଠିବ କେବେ

**ଅତାବିରା, ୧୮ ।୧୨(ସମିସ):**



ଚଳିତ ଖରିଫ ଧାନ ଫସଲ ମନ୍ଥର ଗତିରେ ସଂଗ୍ରହ ହେଉଥିବା ନେଇ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ପକ୍ଷରୁ ଉଦବେଗ ପ୍ରକାଶ ପାଇଛି। ଖରିଫ ଧାନ ସଂଗ୍ରହ ପାଖାପାଖି ୨୭ ଦିନ ବିତି ଯାଇଥିଲେ ସୁଦ୍ଧା ୩୦ରୁ ୩୫ ପ୍ରତିଶତ ଧାନ ସଂଗ୍ରହ ହୋଇଛି। ଜାନୁଆରୀ ପହିଲାରୁ କେନାଲ ପାଣି ଆସିବ। ଚାଷୀ ନିଜ ଜମିରେ ରବି ଫସଲ ପାଇଁ କାମ ଆରମ୍ଭ କରିବ। ଏପରି ସ୍ଥଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଚାଷୀ କେବେ ଧାନ ବିକିବ ଓ କେବେ ରବି ଧାନ କାମ କରିବ ଓ କୃଷି ଋଣ କେବେ ପରିଶୋଧ କରିବ, ସେ ନେଇ ଚିନ୍ତାରେ। ଏହାକୁ ନେଇ କୃଷକ ସଂଗଠନ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଓଡ଼ିଶା ରାଜ୍ୟ କୃଷକ ସଂଗଠନର ଏକ ପ୍ରତିନିଧି ଦଳ ଅତାବିରା ନିୟନ୍ତ୍ରିତ ବଜାର କମିଟି ଅଧୀନସ୍ଥ ଗୋଡ଼ଭଗା, ଲରମ୍ବା, କାଦୋବାହାଲ, ଝିଲିମିଣ୍ଡା, ପତ୍ରାପାଲି, କାଠଡ଼େରା, ଖରମୁଣ୍ଡା, ପାହାଡ଼ଶ୍ରୀଗିଡ଼ା, ଗୌରଟିକ୍ରା, ଅତାବିରା ମଣ୍ଡିକୁ ମଣ୍ଡି ଯାଇ ଗ୍ରାଉଣ୍ଡ ଜିରୋ ସମସ୍ୟାଗୁଡ଼ିକ ଅନୁସନ୍ଧାନ କରିଛନ୍ତି। ଯେଉଁ ମଣ୍ଡିରେ ଟାର୍ଗେଟ ଅଛି ମିଲର ଆସୁ ନାହାନ୍ତି। ଧାନ ଉଠାଇବାରେ ମନମାନି କରୁଥିବା ମିଲରଙ୍କୁ ପ୍ରଶାସନ ଟାର୍ଗେଟ ଉପରେ ଟାର୍ଗେଟ ଦେଉଛନ୍ତି। କିଛି ଖଳ ପ୍ରକୃତିର ମିଲର୍ ମଣ୍ଡିରେ ଧାନ ନ ଉଠାଇ ସିଧାସଳଖ ଚାଷୀଙ୍କଠୁ ଧାନ ଉଠାଇ କଟନି ଛଟନି କରୁଥିବା କିଛି ଚାଷୀ ଅଭିଯୋଗ କରିଛନ୍ତି। ଯେଉଁ ମଣ୍ଡିରେ ମିଲର୍ ଯାଉଛନ୍ତି ତ ସେଠାରେ ଟାର୍ଗେଟ୍ ନାହିଁ। କିଛି ମିଲରଙ୍କୁ ଦିଆଯାଉଥିବା ଟାର୍ଗେଟ୍ ସତ୍ତ୍ୱେ ଧାନ ଉଠାଉନାହାନ୍ତି। ଓଡ଼ିଶା ରାଜ୍ୟ କୃଷକ ସଂଗଠନର ବ୍ଲକ ସଭାପତି ବୀରେନ୍ଦ୍ର କରଙ୍କ ନେତୃତ୍ୱରେ ବୃନ୍ଦଦେବ ନନ୍ଦ, ଭୁବନ ପ୍ରଧାନ, ଟିକେଲାଲ ମିଶ୍ର, ଦଶରଥ ଭୋଇ ମଙ୍ଗଳବାର ବିଭିନ୍ନ ମଣ୍ଡି ଗସ୍ତ କରି ଖରିଫ ଧାନ ସଂଗ୍ରହର ସ୍ଥିତାବସ୍ଥା ଅନୁଧ୍ୟାନ କରିଛନ୍ତି। ପ୍ରଶାସନ ଟାର୍ଗେଟ ବଢ଼ାଇ ଡିସେମ୍ବର ଶେଷ ସୁଦ୍ଧା ଧାନ ସଂଗ୍ରହ ଶେଷ ନ କଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ଚାଷୀ ନେତା ବୀରେନ୍ଦ୍ର କର ଚେତାବନୀ ଦେଇଛନ୍ତି।

## ଝାନସୀରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ଓ ବର୍ଣ୍ଣାଳୀ ପ୍ରଶିକ୍ଷଣ ଶିବିର



ପଦ୍ମପୁର, ୧୮।୧୨ (ସମିସ): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମପୁରରେ ଝାନ୍ସୀ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ଓ ବର୍ଣ୍ଣାଳୀ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇସାରିଛି। ଏହି ଉଦଯାପନୀ ସଭା ବିଦ୍ୟାଳୟରକାର୍ଯ୍ୟକାରୀପ୍ରଧାନଶିକ୍ଷକଗୋପାଳଜୀ ପ୍ରସାଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଉପଖଣ୍ଡସ୍ତରୀୟ ସୂଚନା ଓ ଲୋକସଂପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ,ସମ୍ମାନିତ ଅତିଥି ବିଶିଷ୍ଟ ସମାଜସେବୀ ନିରୋଜ ଦୋରା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଜିତେଶ୍ୱରୀ ଦାସ, ରାଜବୋଡାସମ୍ବର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶିବପ୍ରସାଦ ଯୋଶୀ , ବିଶିକେଶନ ଶତପଥୀ ଓ ରାମ ସିଂ ଭୋଇ, ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନଶିକ୍ଷକ ଅଭିଲାଷ ସାହୁ,ଜେଣ୍ଡର କୋଅର୍ଡିନେଟର୍ ସ୍ୱର୍ଣ୍ଣପ୍ରଭା ପଣ୍ଡା , ବର୍ଣ୍ଣାଳୀ ଟ୍ରେନିଂର ଷ୍ଟେଟ କୋଅର୍ଡିନେଟର ପ୍ରଜ୍ଞା ପରିମିତା,ରାଜ୍ୟସ୍ତରୀୟ ବର୍ଣ୍ଣାଳୀ ସାଧନା କର୍ମୀ ଦୁର୍ଗାପ୍ରସାଦ ଷଡ଼ଙ୍ଗୀ, ଶିକ୍ଷକ ପ୍ରଶିକ୍ଷକ ବେଣୁଧର ବରିହା ଯୋଗଦାନ କରିଥିଲେ।

## ବୀରତା ଦିବସ ପାଳନ ଲାଗି ପ୍ରସ୍ତୁତି ବୈଠକ

**ଗାଇସିଲେଟ, ୧୮।୧୨(ସମିସ):** ଭୁଏପାଲି ଠାରେ ସହିଦ ମାଧୋ ସିଂଙ୍କ ୧୬୭ ତମ ବୀରତା ଦିବସ ପାଳନ କରିବା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ସଂଘ ତରଫରୁ ବ୍ଲକ ସଭାପତି ଶଶିଭୂଷଣ ବରିହାଙ୍କ ସଭାପତିତ୍ୱରେ ଏହି ବୈଠକ ହୋଇଥିଲା। ଘେଁସ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ସହିଦ ବୀର ମାଧୋ ସିଂ ଏବଂ ତାଙ୍କ ଚାରି ପୁତ୍ର ହଟେ ସିଂ,କୁଞ୍ଜଲ ସିଂ, ଅଏରୀ ସିଂ, ବୈରୀ ସିଂ ଇଂରେଜଙ୍କ ସହିତ ଲଢ଼େଇ କରି ସହିଦ ହୋଇଛନ୍ତି। ଏଥିପାଇଁ ପ୍ରତେକ ବର୍ଷ ଡିସେମ୍ବର ୩୧ ତାରିଖ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲ୍ଲା ତରଫରୁ ଘେଁସ ଗ୍ରାମରେ ସହିଦ ବୀର ମାଧୋ ସିଂଙ୍କ ଫାଶୀ ଦିବସ ସ୍ମୃତି ଉଦ୍ଦେଶ୍ୟରେ ବୀରତା ଦିବସ ପାଳନ କରିଆସୁଛି। ଆସନ୍ତା ଡିସେମ୍ବର ୩୧ ତାରିଖ ବୀରତା ଦିବସରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦାନ କରିବେ ଏବଂ ତାଙ୍କ ସହିତ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦାନ କରିବେ। ଏଥିପାଇଁ ଆଲୋଚନା



ହୋଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବରେ ସଂଘର ପ୍ରତିଷ୍ଠାତା ଗୋବର୍ଦ୍ଧନ ଭୋଏ , ଜିଲ୍ଲା ସଭାପତି ଗୋବିନ୍ଦ ବରିହା ଯୋଗଦାନ କରିଥିଲେ ଏବଂ ଗାଇସିଲେଟ ବ୍ଲକର ସଞ୍ଜୟ ଜରଜରିଆ, ଟିକେଶ୍ୱର ସିଂ ବରିହା, ବିରଞ୍ଚି ବରିହା, କୁଷ୍ଟ ଡୁଡୁକା ଏବଂ ସମସ୍ତ ପଞ୍ଚାୟତ ସଭାପତି ଓ ସଂପାଦକମାନେ ଯୋଗଦାନ କରିଥିଲେ।

## ନବବର୍ଷ ପାଳନ ପାଇଁ ପ୍ରସ୍ତୁତି ବୈଠକ

ବରଗଡ଼, ୧୮ ।୧୨(ସମିସ): ୱାର୍ଡ ନମ୍ବର୍ ୮ ରାଧାରାଣୀ ବିହାର ଠାରେ ଅବସ୍ଥିତ ଗଣେଶ ବେହେରାଙ୍କ ବାସଭବନରେ ରାଧାରାଣୀ ବିହାର ଉନ୍ନୟନ କମିଟି ପକ୍ଷରୁ ଇଂରାଜୀ ନବବର୍ଷ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସର୍ବଶ୍ରୀ କୃଷ୍ଣଚନ୍ଦ୍ର ଦାଶ, କାହ୍ନୁଚରଣ ଦାଶ, ଶରତ ନାଏକ, ହରେକୃଷ୍ଣ ସାହୁ, ବିନୋଦ ବିହାରୀ ଦାଶ, ଗଣେଶ ବେହେରା ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ । ଶେଷରେ ତୁଳସୀ ଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଫିଟ୍ ଇଣ୍ଡିଆ ସପ୍ତାହ ୬.୦ କ୍ରୀଡ଼ା ଉତ୍ସବ ପାଳିତ

ବରଗଡ଼,୧୮ ।୧୨(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତ ମହାବିଦ୍ୟାଳୟରେ 'ଫିଟ୍ ଇଣ୍ଡିଆ ସପ୍ତାହ ୬.୦' କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଡକ୍ଟର ନକୁଳ ସେଠ୍ ଏହି ଉତ୍ସବକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଉଭୟ ନାଟ୍ୟ ଓ କ୍ରୀଡ଼ା ସଂସଦର ମିଳିତ ସହଯୋଗରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ନିମିତ୍ତ ଉଦ୍ଦିଷ୍ଟ ଏହି କ୍ରୀଡ଼ା ଉତ୍ସବରେ କବାଡି, 'ଖୋ-ଖୋ', ବ୍ୟାଡ୍ ମିଣ୍ଟନ୍, ଶହେ ମିଟର ଦୌଡ଼, ମନ୍ଥର ସାଇକଲ ଚାଳନା ପ୍ରତିଯୋଗିତା ଆୟୋଜିତ ହୋଇଥିଲା ବେଳେ ବ୍ୟାଡ୍ ମିଣ୍ଟନ୍ ବାଳକ ଗ୍ରୁପ୍ ରେ ଶ୍ରାବଣ ସାମଲ ଓ ନିହାର ଗରତିଆ ପ୍ରଥମ, ସାଇମନ ସାହୁ ଓ ଶୁଭ୍ରାଂଶୁ ଶେଖର କୁମାର ଦ୍ୱିତୀୟ , ଧନଞ୍ଜୟ



ପଧାନ ଓ ଆକାଶ ସାହୁ ତୃତୀୟ ; ବାଳିକା ଗ୍ରୁପ୍ ରେ ଐଶ୍ୱର୍ଯ୍ୟା ପାଣ୍ଡେ ପ୍ରଥମ, ଆରତୀ ଶିକା ଦ୍ୱିତୀୟ ଓ ମୌସୁମୀ ଦେହୁରୀ ତୃତୀୟ ସ୍ଥାନ ହାସଲ କରିଥିଲେ। ଠିକ୍ ସେହିପରି ବାଳିକାମାନଙ୍କ ଧୀର ସାଇକଲ୍ ଚାଳନା ପ୍ରତିଯୋଗିତାରେ ଆରତୀ ଥାପା ପ୍ରଥମ, ଐଶ୍ୱର୍ଯ୍ୟା ରାୟ ଦ୍ୱିତୀୟ ଓ ବିନ୍ଦି ନାଗ ତୃତୀୟ; ଶହେ ମିଟର ଦୌଡ଼ ପ୍ରତିଯୋଗିତାରେ ବାଳକ ଗ୍ରୁପ୍ ରେ ଆୟୁଷ୍ମାନ ଗରତିଆ ପ୍ରଥମ,ଜିତ୍ ଗରୁଡ ଦ୍ୱିତୀୟ ଓ ରଶୋନ ସାହୁ ତୃତୀୟ; ବାଳିକା ଗ୍ରୁପ୍ ରେ ଜୁଲି ବାଗ୍ ପ୍ରଥମ, ସିପ୍ରା ସାହୁ ଦ୍ୱିତୀୟ ଓ ଝୁମା ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ । କ୍ରୀଡ଼ା ଶିକ୍ଷକ ତନ୍ମୟ ସାହୁଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଆୟୋଜିତ ହୋଇଥିଲା ବେଳେ ଧାରା ବିବରଣୀ ଉଦଘୋଷଣା କରିଥିଲେ ଅଧ୍ୟାପକ ଅଜିତ କୁମାର ସାହୁ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଆଗାମୀ ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବରେ ପୁରସ୍କୃତ କରାଯିବ ବୋଲି ମନୋନୀତ ନୋଡାଲ ଅଫିସର ସହକାରୀ ପ୍ରଫେସର ପଙ୍କଜିନୀ ରାୟ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସହକାରୀ ପ୍ରଫେସର ଡକ୍ଟର ବିଭୂତି ଭୂଷଣ ଶତପଥୀ, ମାନଭଞ୍ଜନ ପାଣିଗ୍ରାହୀ,କବିତା ସା, ଛନ୍ଦାରାଣୀ ବେସେନ୍ , ଏବଲିନ୍ ନମିତା ବା, ଡକ୍ଟର ସୁରେଶ କୁମାର ମାଝୀ, ଡିଲେଶ୍ୱର ସାହୁ, ପ୍ରଭାସ କୁମାର ଭୋଇ, ଅନିନ୍ଦିତା ନନ୍ଦ, କ୍ରିଷ୍ଣକାନ୍ତ ଲାହାଙ୍ଗିର, ଡକ୍ଟର ପୁଷ୍ପିତାରାଣୀ ବେହେରା, ଝରଣା ବିଶ୍ୱାଳ, ବାସନ୍ତୀ ମେହେର, ରୋଶନୀ ତିର୍କି, ବେନାଜିର ଖାତୁନ୍, ରୀତି ଖେଡିଆ, ଗଜେନ୍ଦ୍ର ରଣା, ଅର୍ଚ୍ଚନା ନାଏକ, ଡୋଲି ସାହୁ, ହୃଦାନନ୍ଦ ଭୁଏ ପ୍ରମୁଖ ସହଯୋଗ କରିଥିଲେ ।

## ଭଟଲି ବ୍ଲକରେ ମନରେଗା ସାମାଜିକ ସମୀକ୍ଷା

ଭଟଲି,୧୮ ।୧୨(ସମିସ): ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସାମାଜିକ ସମୀକ୍ଷା ଗ୍ରାମସଭା ଭଟଲି ବ୍ଲକ ଅନ୍ତର୍ଗତ ତେଜାଗୋଲା, କେଲେଣ୍ଡାପାଲି ଏବଂ ସୁକୁଡ଼ା ଗ୍ରାମ ପଞ୍ଚାୟତରେ ଗୋଷ୍ଠୀ ସାମାଜିକ ସମୀକ୍ଷକ ମାଧବ ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୧ ଅପ୍ରେଲ ୨୦୨୪ ରୁ ୩୦ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ ହୋଇଥିବା ବିଭିନ୍ନ ପ୍ରକଳ୍ପରେ ବ୍ୟବହୃତ କାଗଜପତ୍ର ଯାଞ୍ଚ ତଥା ଗୃହ ପରିଦର୍ଶନ ପରେ ବାହାରିଥିବା ବିଭିନ୍ନ ସମସ୍ୟା ଏବଂ ଅଭିଯୋଗ ଗ୍ରାମ୍ୟ ସମ୍ବଳ କର୍ମୀ ତଥା ଜନସାଧାରଣଙ୍କ ଦ୍ୱାରା ଗ୍ରାମସଭାରେ ଉପସ୍ଥିତ ହିତାଧିକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇ ନିଷ୍ପତ୍ତି ନିଆଯାଇଥିଲା । ଗୋଷ୍ଠୀ ସାମାଜିକ ସମୀକ୍ଷକ ମାଧବ ପ୍ରସାଦ ସାହୁ ତେଜାଗୋଲା ଗ୍ରାମ ପଞ୍ଚାୟତ ଗ୍ରାମସଭାରେ ଯୋଗଦେଇ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ହେଉଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ଗ୍ରାମସଭାରେ ତେଜାଗୋଲା ସରପଞ୍ଚ ଅମ୍ବାଳିକା ପଧାନ, କେଲେଣ୍ଡାପାଲି ସରପଞ୍ଚ ସୁବ୍ରତ ବାଗ, ସୁକୁଡ଼ା ସରପଞ୍ଚ ନିଲିମା ବନଛୋର୍, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ରିତେଶ ଭୁଏ, ଉମେଶ କୁମାର ସେଠ, ନବୀନ କୁମାର ସାହୁ, ଏଡିଇଓ ଡାକ୍ତର ସାହୁ, ଡୋଳାମଣି ସାହୁ,ଗ୍ରାମ୍ ରୋଜଗାର ସହାୟକ ନିଲିମା କାଲୋ, ଗ୍ରାମ୍ୟ ସମ୍ବଳ କର୍ମୀ, ଶ୍ରମିକ, ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ତଥା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନେ ଉପସ୍ଥିତଥିଲେ । ରେକର୍ଡ ପତ୍ର ଯାଞ୍ଚ ସମୟରେ ବାହାରିଥିବା ବିଭିନ୍ନ ସମସ୍ୟାର ସମାଧାନ କରିବାପାଇଁ ଗ୍ରାମସଭାରେ ପ୍ରସ୍ତାବ ଗୃହୀତ ହେଲା । ଗ୍ରାମ୍ୟ ସମ୍ବଳ କର୍ମୀ ଶୈଳ୍ୟ ମହାନନ୍ଦ, ମାଧବୀ ଖମାରୀ, ପଦ୍ମାବତୀ ସାହୁ, ଅଞ୍ଜୁ ସାହୁ, ସୁଜାତା ପାଣ୍ଡେ, ଉର୍ବଶୀ ସା, ମମତା ସାହୁ ଏବଂ ଗୋଲାବତୀ ଭୋଇ ଯୋଗଦେଇ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗୋବିନ୍ଦପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବରଗଡ଼,୧୮ । ୧୨(ସମିସ): ବରଗଡ଼ ବ୍ଲକ ଗୋବିନ୍ଦପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମଳୟ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ କ୍ରୀଡ଼ା ଶିକ୍ଷକ ଅଂଗ୍ରୋଜ ଦଣ୍ଡସେନାଙ୍କ ସଂଯୋଜନାରେ ପ୍ରତିଯୋଗିତାକୁ ସ୍ଥାନୀୟସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ।

## ଅଖିଳ ଭାରତୀୟ ହିନ୍ଦୁ ମହିଳା ମଞ୍ଚର କାର୍ଯ୍ୟାରମ୍ଭ

ବରଗଡ଼, ୧୮ ।୧୨(ସମିସ): ଅଖିଳ ଭାରତୀୟ ହିନ୍ଦୁ ମହିଳା ମଞ୍ଚ ତା'ର କାର୍ଯ୍ୟାବଳୀ ଦର୍ଶନା ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅତାବିରା ଠାରୁ ଆରମ୍ଭ ହୋଇଛି। ମହିଳାମାନଙ୍କ କ୍ଷେତ୍ରରେ ଶୌର୍ଯ୍ୟତ୍ୱ ଓ ସ୍ୱ ସଂସ୍କୃତି ପ୍ରତି ନିଷ୍ଠାର ଜାଗରଣ ହେଉଛି ଏହାର ଉଦ୍ଦେଶ୍ୟ । ସଂଘମିତ୍ରା ପଟେଲ, କିରନ ଅଗ୍ରୱାଲ, ଉମା ଅଗ୍ରୱାଲ. ପ୍ରିୟଦର୍ଶିନୀ ଅର୍ଚନା ବାଗ୍, କ୍ଷୀରେଶ୍ୱରୀ ସ୍ୱାଇଁଙ୍କ ଉପସ୍ଥିତିରେ ସ୍ଥାନୀୟ ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା ପୂର୍ବକ ଏହାର ପ୍ରଥମ ବୈଠକ ଆରମ୍ଭ ହୋଇଥିଲା । ଆଗାମୀ ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସ ଅବସରରେ ଏହି ସଂଗଠନ ତାର 'ଶୌର୍ଯ୍ୟ ଶୋଭାଯାତ୍ରା' ଆରମ୍ଭ କରି ଏହାକୁ ଲୋକାଭିମୁଖୀ କରିବାକୁ ପ୍ରୟାସ କରିବ ବୋଲି ଏହାର ସଭାପତି ଦର୍ଶନା ଅଗ୍ରୱାଲ ଓ ଉପଦେଷ୍ଟା ଆଡଭୋକେଟ ଜୟଶ୍ରୀ ମହାପାତ୍ର ବାର୍ତ୍ତା ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ବୀରତା ଦିବସ ପାଳନ ଲାଗି ପ୍ରସ୍ତୁତି




**ବରଗଡ଼, ୧୮ ।୧୨(ସମିସ):** ବରଗଡ଼ ଜିଲ୍ଲା ସଦର ମହକୁମାଠାରେ ଜିଲ୍ଲାସ୍ତରୀୟ ବୀରତା ଦିବସ-୨୦୨୫ ପାଳନ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, କାର୍ଯ୍ୟନିର୍ବାହୀ ଅଧିକାରୀ, ବରଗଡ଼ ମ୍ୟୁନିସିପାଲିଟି, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବରଗଡ଼, ଅଧ୍ୟକ୍ଷ ଓ ସଚିବ, ସହିଦ ସ୍ମୃତି କମିଟି, ଅଧ୍ୟକ୍ଷ ଓ ସଚିବ, ବରିଷ୍ଠ ନାଗରିକ କମିଟି, ଅଧ୍ୟକ୍ଷ ଓ ସଚିବ, କୋଶଳ ରାଜ୍ୟ ସମନ୍ୱୟ କମିଟି ଏବଂ ଅଧ୍ୟକ୍ଷ ଓ ସଚିବ, କୁଞ୍ଜଲ ସିଂ କ୍ଲବ, ଘେଁସ ଉପସ୍ଥିତ ରହି ଆଗାମୀ ଜିଲ୍ଲସ୍ତରୀୟ ବୀରତା ଦିବସକୁ ଶାନ୍ତି ଶୃଙ୍ଖଳା ସହିତ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

## ମାସେ ହେଲା ଖୋଲିଲାଣି ମଣ୍ଡି, ଉଠୁନି ଧାନ

# ଧିମେଇଛି ଧାନକ୍ରୟ; ବଢୁଛି ଚାଷୀଙ୍କ ଦୁର୍ଦ୍ଦଶା

**ବିଜେପୁର, ୧୮।୧୨(ସମିସ):**

ବରଗଡ଼ ଜିଲ୍ଲାରେ ମଣ୍ଡି ଖୋଲିବାର ଏକ ମାସ ପୂରିଥିଲେ ମଧ୍ୟ ଆଶାନୁରୂପ ଧାନ ବିକ୍ରି ହୋଇପାରିନାହିଁ। ଟ୍ୟାଗ୍ ହୋଇଥିଲେ ସୁଦ୍ଧା କେତେକ ମିଲର ଆସୁ ନ ଥିବାରୁ ଧାର୍ଯ୍ୟ ପରିମାଣର ଧାନ ଉଠିପାରିନାହିଁ। ଏଭଳି ସ୍ଥିତି ଅଧିକ କଟନି ଛଟନି ତଥା ଦଲାଲରାଜକୁ ପ୍ରୋତ୍ସାହିତ କରୁଛି ବୋଲି ବରଗଡ଼ ଜିଲ୍ଲା ବିଜେପୁର ବ୍ଲକର ଚାଷୀମାନେ ଅଭିଯୋଗ କରୁଛନ୍ତି। ଡିସେମ୍ବର ମାସ ଅଧା ସରିଲାଣି କିନ୍ତୁ ଅଧିକାଂଶ ମଣ୍ଡିରେ ନଭେମ୍ବର ମାସରେ ଆସିଥିବା ଟୋକନର ଧାନ କ୍ରୟ ହୋଇପାରିନାହିଁ। ଟୋକନ ଅବଧି ଏକମାସ ହୋଇଥିବା ବେଳେ ଅନେକ ଚାଷୀଙ୍କ ଟୋକନ ବାତିଲ ହେବା ଉପରେ ରହିଲାଣି। ବିଜେପୁର ବ୍ଲକର ଏମ୍ ଶ୍ରିଗିଡ଼ା ସମବାୟ ସମିତି ଅନ୍ତର୍ଗତ ତାଳପଦର ଧାନକ୍ରୟ କେନ୍ଦ୍ରରେ ୬୭୦୦କ୍ୟୁଣ୍ଟାଲ ଧାନ କ୍ରୟ ଟାର୍ଗେଟ ରହିଥିବା ବେଳେ ମଙ୍ଗଳବାର ସୁଦ୍ଧା ମାତ୍ର ୧୭୦୮ କ୍ୟୁଣ୍ଟାଲ ଧାନ ଉଠିଥିବା ବେଳେ ୪୯ ୯୧ କ୍ୟୁଣ୍ଟାଲ ଧାନ କ୍ରୟ ବାକି ରହିଛି। ଉକ୍ତ ମଣ୍ଡିରେ ଚାରୋଟି ମିଲରଙ୍କ ଟ୍ୟାଗ ରହିଥିବା ବେଳେ ସର୍ବାଧିକ ୩୪ଶହ କ୍ୟୁଣ୍ଟାଲ ଟାର୍ଗେଟ ଥିବା



ଲକ୍ଷ୍ମୀ ଭୋଗ ରାଇସ ମିଲ ଏ ଯାଏ ଆଦୌ ଧାନ କ୍ରୟ କରିନାହିଁ। ଫଳରେ ନଭେମ୍ବର ମାସର ଧାନ ମଧ୍ୟ ଏ ଯାଏ ଉଠିପାରିନାହିଁ। ସେହିପରି ବଡବାଉଁସେନ ସମବାୟ ସମିତି ଅନ୍ତର୍ଗତ ଖରମୁଣ୍ଡା କ୍ରୟ କେନ୍ଦ୍ରରେ ୨୩୪୫ ପ୍ୟାକେଟ ଧାନ ପଡ଼ିରହିଥିବା ବେଳେ ଟ୍ୟାଗ ହୋଇଥିବା ଗିତାଞ୍ଜଳି ମିଲର ଏ ଯାଏ ଧାନ କ୍ରୟ କରିବାକୁ ଆସିନାହିଁ। ଅନୁରୂପ ଭାବରେ ବିଜେପୁର ସମବାୟ ସମିତି ଅନ୍ତର୍ଗତ କେଉଁଟିପାଲି ମଣ୍ଡିରେ ୨୭ଶହ କ୍ୟୁଣ୍ଟାଲ ଧାନ କ୍ରୟ ଟାର୍ଗେଟ ରହିଥିବା ନମୋ ନାରାୟଣୀ ଫୁଡ ପ୍ରଡକ୍ଟ ମଧ୍ୟ ଧାନ କ୍ରୟ ଆରମ୍ଭ କରିନାହିଁ। ଏମ୍.ଶ୍ରିଗିଡ଼ା ଅନ୍ତର୍ଗତ କେଉଁଟିପାଲି ପ୍ୟାକ୍ସରେ ଧାନକ୍ରୟ ଟାର୍ଗେଟ ୧୫୫୦୦ କ୍ୟୁଣ୍ଟାଲ ମଧ୍ୟରୁ ୫୫୨୯ କ୍ୟୁଣ୍ଟାଲ ଧାନ ଉଠିଥିବା ବେଳେ୯ ୯୭୦ କ୍ୟୁଣ୍ଟାଲ ଧାନ କ୍ରୟ ବାକି ରହିଛି। କେତେକ ମଣ୍ଡିରେ ଆଶାନୁରୁପ ଧାନ ଉଠୁଥିବା ବେଳେ ଆଉ କେତେକ ମଣ୍ଡିରେ ଧାନ କ୍ରୟ ଧିମା ବେଗରେ ରହିଛି। ମିଲରଙ୍କୁ ଟାର୍ଗେଟ ଦିଆଯିବା ସତ୍ତ୍ୱେ ଧାନ କ୍ରୟ ପାଇଁ ତତ୍ପରତା ପ୍ରକାଶ ପାଉନାହିଁ। ପାକ୍ସ କିମ୍ବା ଧାନକ୍ରୟ କେନ୍ଦ୍ର ଅଧିକାରୀମାନେ ମିଲରଙ୍କୁ ବାରମ୍ବାର ଯୋଗାଯୋଗ କରୁଥିବା ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବା ପ୍ରକାଶ କରୁଛନ୍ତି।

ପରୋକ୍ଷରେ ଅଧିକ କଟନି ଛଟନି ପାଇଁ ମିଲରମାନେ ଆଶା ରଖୁଥିବା ଅନୁମାନ କରୁଛନ୍ତି ଚାଷୀମାନେ। ଚାଷୀଙ୍କ ଧାନ ପ୍ରାୟତଃ ଅମଳ ହୋଇସାରିଥିବା ବେଳେ ଖର୍ଚ୍ଚ ପରିଶୋଧ କରିବାକୁ ଧାନ ବିକ୍ରି ପାଇଁ ତତ୍ପର ହେଉଛନ୍ତି। ଫଳରେ କଳାବଜାରୀ ହେବାର ଯଥେଷ୍ଟ ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଚଳିତ ବର୍ଷ ଅନଲାଇନରେ ପରିବର୍ତ୍ତେ ଅଫ ଲାଇନରେ ଧାନ କ୍ରୟ ପାଇଁ ପଞ୍ଜୀକରଣ କରାଯାଉ ଥିବାରୁ ଟୋକନ ଆସିଥିଲେ ମଧ୍ୟ କେତେକ ଚାଷୀଙ୍କ ଧାନ ବିକ୍ରି ହୋଇ ପାରି ନ ଥିବା ବିଭିନ୍ନ ମଣ୍ଡିରେ ଅଭିଯୋଗ ହେଉଛି। ଫଳରେ ଧାନ କ୍ରୟ ପଞ୍ଜୀକରଣ, କଟନି ଛଟନି, ଏଫଏକ୍ୟୁ ମାନ ଆଦିକୁ ନେଇ ବିଭିନ୍ନ ସମସ୍ୟା ଦେଖାଦେଉଥିବା ବେଳେ ଚାଷୀ ଅସନ୍ତୋଷ ବୃଦ୍ଧି ପାଉଛି। ତେଣୁ ଏହି ଆନୁସଙ୍ଗିକ ସମସ୍ୟା ପ୍ରତି ଦୃଷ୍ଟିଦେଇ ଧାନ କ୍ରୟକୁ ସୁଗମ କରିବାକୁ ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବାକୁ ଚାଷୀ ମହଲରେ ଦାବି ହେଉଛି।

■ ପ୍ରାଧ୍ୟାପକଙ୍କ ଅଶ୍ଳୀଳ ବାର୍ତ୍ତା ଭାଇରାଲ ଘଟଣା

## ତଦନ୍ତ ଶେଷ, ଆଜି ରିପୋର୍ଟ ପରେ କାର୍ଯ୍ୟାନୁଷ୍ଠାନ

**ପଦ୍ମପୁର, ୧୮।୧୨ (ସମିସ):** ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗର ପ୍ରାଧ୍ୟାପକ ବିରଞ୍ଚି ସାହୁଙ୍କ ହ୍ୱାଟ୍ସ ଆପ୍ ବାର୍ତ୍ତା ଭାଇରାଲ ପରେ ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଏକ ତଦନ୍ତ କମିଟି ଗଠନ କରାଯାଇଥିଲା । ଏହି କମିଟି ତଦନ୍ତ କରିଥିବା ଜଣାପଡ଼ିଛି । କଲଜର ବରିଷ୍ଠ ଅଧ୍ୟାପିକା ଝୁନୁ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏହି କମିଟିରେ ଅଧ୍ୟାପିକା ରୀନା ଧର୍ମବିନାୟକ, ଅଧ୍ୟାପିକା ସୁରେଶ୍ୱରୀ ପାଣ୍ଡେ ସମେତ ନିମନ୍ତ୍ରିତ ସଦସ୍ୟ ଭାବେ ପଦ୍ମପୁର ଆଇଆଇସି ମମତା ନାଏକ, ପୀଡ଼ିତା ଛାତ୍ରୀଙ୍କ ସମେତ ଯେଉଁମାନଙ୍କ ନାମ ଆସିଥିଲା ଏବଂ ଯେଉଁମାନେ ଅଭିଯୋଗ କରିଥିଲେ, ସେମାନଙ୍କ ବୟାନ ରେକର୍ଡ ସହ ଘଟଣାରେ ସଂପୃକ୍ତ ପ୍ରାଧ୍ୟାପକଙ୍କୁ ମଧ୍ୟ ପଚରାଉଚରା କରାଯାଇଛି । ଗୁରବାର କମିଟି ତଦନ୍ତ ରିପୋର୍ଟ କଲେଜ ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡାଙ୍କୁ ଦେବେ । ତେବେ ତଦନ୍ତ ରିପୋର୍ଟ ପାଇଲା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧ୍ୟକ୍ଷ ପଣ୍ଡା କହିଛନ୍ତି ।

## ଟଙ୍କଧର ଝାଙ୍କରଙ୍କ ପରଲୋକ



**ସୋହେଲା, ୧୮।୧୨(ସମିସ):** ସୋହେଲାର ସମାଜସେବୀ, ପୂର୍ବତନ ଫୁଟବଲ ଖେଳାଳି ତଥା ଅବସରପ୍ରାପ୍ତ ହେଡ ପୋଷ୍ଟମାଷ୍ଟର ଟଙ୍କଧର ଝାଙ୍କର (୭୭)ଙ୍କ ହୃଦଘାତରେ ପରଲୋକ ହୋଇଯାଇଛି । ଡାକ ବିଭାଗରେ ଚାକିରି ଜୀବନ ଆରମ୍ଭ କରି ବରଗଡ଼ ହେଡ ପୋଷ୍ଟମାଷ୍ଟର ଭାବେ ସେ ଅବସର ଗ୍ରହଣ କରିଥିଲେ । ସେ ତାଙ୍କ ପଛରେ ପତ୍ନୀ ଲୀଳାବତୀ, ୪ ପୁଅ ସଞ୍ଜୀବ, ସମୀର, ସୁଧୀର, ସୁଜିତ ଏବଂ ଝିଅ ମୀତା ତଥା ନାତି ନାତୁଣିଙ୍କୁ ଛାଡ଼ି ଯାଇଛନ୍ତି । ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ପୂର୍ବତନ ବିଧାୟକ ମହମ୍ମଦ ରଫିକ, ଡା. ଶିଶିର କୁମାର ସାହୁ ପ୍ରମୁଖ ତାଙ୍କ ବାସଭବନକୁ ଯାଇ ଅନ୍ତିମ ଦର୍ଶନ କରିଥିଲେ ।

## ମହାମାୟା ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା

**ପାଇକମାଳ, ୧୮।୧୨ (ସମିସ) :** ମହାମାୟା ପବ୍ଲିକ ସ୍କୁଲ ପାଇକମାଳର ଦଶମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଏଥିରେ ନର୍ସରୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀ ଭାଗନେଇଥିଲେ । ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଅଷ୍ଟମ ଶ୍ରେଣୀର ଛାତ୍ର ଅଭିକ୍ଷିତ, ନବମ ଶ୍ରେଣୀର ଛାତ୍ରୀ ମୋନିକା, ଛାତ୍ର ଗଜେନ୍ଦ୍ର ଓ ଆରୀୟନ ପ୍ରତୀକ ଚାମ୍ପିଅନ ହୋଇଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସତ୍ୟଭୂଷଣ ସାହୁ , ସମ୍ମାନିତ ଅତିଥି ଭାବେ ଜ୍ୟୋତିର୍ମୟୀ ସାହୁ , ଧାଲେନ୍ଦ୍ର ବାରିକ, ଅନ୍ୟତମ ଅତିଥି ଭାବେ ଧବଳେଶ୍ୱର ସାହୁ ତଥା ଅକ୍ଷୟ କୁମାର ଦାଶ ଯୋଗଦେଇଥିଲେ । ସଂସ୍ଥାର ଅଧ୍ୟକ୍ଷ ଯଶୋଦେବ ଭୋଇ, ମଲ୍ଲିକା କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ ।



ପାଖେଇ ଆସୁଛି ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା

# ପ୍ରଶାସନ ନଚେତିଲେ ଲୋକେ ଭୋଗିବେ ୧୧ ଦିନର ଯମଯନ୍ତ୍ରଣା

**ବରଗଡ଼,୧୮।୧୨(ସମିସ)**



ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ପାଖେଇ ଆସୁଛି । ଏହାକୁ ନେଇ ଉତ୍କଣ୍ଠା ବଢ଼ିଚାଲିଥିବା ବେଳେ ବିଭିନ୍ନ ସମସ୍ୟାର ଆଶୁ ସମାଧାନ ଜରୁରୀ ହୋଇପଡ଼ିଛି । ପ୍ରଥମତଃ, ସହରର ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଏହିଭଳି ଏକ ବୃହତ୍ ଯାତ୍ରା ଆୟୋଜନ କରି ବିପଦକୁ ଆହ୍ୱାନ କରାଯାଉଛି । କୌଣସି କାରଣବଶତଃ, ଯଦି କିଛି ଦଳାଚକଟା ବା ଅଗ୍ନିକାଣ୍ଡ ଘଟେ, ଶହଶହ ଲୋକ ମୃତାହତ ହେବାର ଆଶଙ୍କା ରହିଛି । ଭିଡ଼ର ସୁଯୋଗ ନେଇ ଦୁର୍ବୃତ୍ତଙ୍କ ଦ୍ୱାରା ପକେଟମାର, ସୁନା ଅଳଙ୍କାର ଲୁଟ୍, ମହିଳାଙ୍କୁ ଅସତ୍ ଆଚରଣ ଇତ୍ୟାଦି ଘଟିବା ସ୍ୱାଭାବିକ । ଟ୍ରାଫିକ ନିୟନ୍ତ୍ରଣ ମୁଖ୍ୟ ରାସ୍ତାରେ କରାଯାଇଥାଏ, କିନ୍ତୁ ଯାତ୍ରା ସଂଲଗ୍ନ ଅଣଓସାରିଆ ରାସ୍ତା - ମୀନାବଜାରକୁ ଯାଉଥିବା ଜର୍ଜ ହାଇସ୍କୁଲ ରାସ୍ତା, ମହାରାଜ ହୋଟେଲ ରାସ୍ତା, ଶିବାନନ୍ଦ ନଗର ରାସ୍ତା, ରାଜଦରବାରକୁ ଯାଉଥିବା ପିପଲାନି ହୋଟେଲ ରାସ୍ତା, ଉମାଟକିଜ ରାସ୍ତା ଇତ୍ୟାଦି, ରଙ୍ଗମହଲକୁ ଯାଉଥିବା ମିନି ଷ୍ଟାଡିୟମ ରାସ୍ତା, ବସଷ୍ଟାଣ୍ଡ ରାସ୍ତା ଇତ୍ୟାଦି ଉପଯୁକ୍ତ ଯୋଜନା ଅଭାବରୁ ଟ୍ରାଫିକ ସମସ୍ୟା ଅନିୟନ୍ତ୍ରିତ ହୋଇଥାଏ । ଏହି ଅଣଓସାରିଆ ରାସ୍ତାଗୁଡ଼ିକରେ ଲକ୍ଷ ଲକ୍ଷ ଲୋକଙ୍କ ଯାତାୟାତକୁ ପୁଲିସ ପ୍ରଶାସନ ସମ୍ଭାଳିବାକୁ ଅସମର୍ଥ । ତେଣୁ, ଯାତ୍ରା ସମୟରେ ଉକ୍ତ ସରୁ ରାସ୍ତାଗୁଡିକରେ ୱାନ-ୱେ ଟ୍ରାଫିକ ନିୟନ୍ତ୍ରଣ ହିଁ ସମାଧାନର ଏକମାତ୍ର ପନ୍ଥା ।

ଦ୍ୱିତୀୟତଃ, ଏହି ଯାତ୍ରା ସମୟରେ ରାଜ୍ୟ ଓ ଦେଶର ବିଭିନ୍ନ ସ୍ଥାନରୁ ଅନେକ ଲୋକ ଆସିଥାନ୍ତି । ବରଗଡ଼ ଏକ ଛୋଟିଆ ସହର ହୋଇଥିବାରୁ ଏଠାରେ ହୋଟେଲ, ଲଜ୍ ଓ ଧର୍ମଶାଳା ଏତେ ଲୋକଙ୍କ ପାଇଁ କମ୍ ପଡୁଥିବାରୁ ଲୋକେ ହଇରାଣ ହୋଇଥାନ୍ତି । ତେଣୁ, ବାହାରୁ ଆସୁଥିବା ଲୋକଙ୍କ ରାତ୍ରରହଣି ପାଇଁ ପ୍ରଶାସନ ଗୁରୁତ୍ୱର ସହିତ ଚିନ୍ତା କରିବାର ଆବଶ୍ୟକତା ରହିଛି ।

ତୃତୀୟତଃ, ଯାତ୍ରା ସହର ଭିତରେ ହେଉଥିବାରୁ ଯାତ୍ରା ନିକଟସ୍ଥ ଜନବସତିର ଲୋକେ ବିଶେଷ ପ୍ରଭାବିତ ହେଉଛନ୍ତି । ଉଦାହରଣ ରୂପେ ଜର୍ଜ ହାଇସ୍କୁଲ ପଡ଼ିଆ ନିକଟସ୍ଥ ରାଧାରାଣୀ ବିହାରକୁ ନିଆଯାଉ । ଏଠାରେ ପ୍ରାୟ ୮୦/୧୦୦ ପରିବାର ବାସ କରୁଛନ୍ତି । ଏମାନଙ୍କର ମୁଖ୍ୟ ଓସାରିଆ ରାସ୍ତା ହେଉଛି, ପଡ଼ିଆର ପ୍ରଥମ ଗେଟ୍ ସଂଲଗ୍ନ ଜର୍ଜ ହାଇସ୍କୁଲ ରାସ୍ତା । ଏହି ପଡ଼ିଆରେ ସହରର ସମସ୍ତ ମୁଖ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ସ୍ୱାଧୀନତା ଦିବସ ଓ ଗଣତନ୍ତ୍ର ଦିବସ ପାଳନ ସମୟରେ ବାନ୍ଧୁଟିକିରା ଛକରେ ଓ ଯୋଶୀ କମ୍ପ୍ଲେକ୍ସ ଛକରେ ପୁଲିସ ଦ୍ୱାରା ଯାନବାହନ କଟକଣା କରାଯିବା ହେତୁ ଉକ୍ତ ଅଞ୍ଚଳର ଲୋକେ କାର୍ଯ୍ୟକ୍ରମ ଶେଷହେବା ପର୍ଯ୍ୟନ୍ତ ଅପେକ୍ଷା କରିବା ବ୍ୟତୀତ ଅନ୍ୟ ପନ୍ଥା ନ ଥାଏ । ଯେତେ ନେହୁରା ହେଲେ ମଧ୍ୟ ଯିବା ପାଇଁ ଅନୁମତି ମିଳି ନ ଥାଏ । ଆଉ ଧନୁଯାତ୍ରା ସମୟରେ ଏମାନଙ୍କର ଦୁର୍ଦ୍ଦଶା କହିଲେ ନ ସରେ । ଅନୁମତି ପତ୍ର ଥିଲେ ମଧ୍ୟ ଭିଡ଼ରେ ଯିବା ଆସିବା ସମ୍ଭବ ହୋଇ ନ ଥାଏ । କୌଣସି ବ୍ୟକ୍ତି ଅସୁସ୍ଥ ହେଲେ, ଆମ୍ବୁଲାନ୍ସ ପ୍ରବେଶ କରିବା ଅସମ୍ଭବ । ଏହି ଅଞ୍ଚଳକୁ ଆସୁଥିବା ପ୍ରବେଶ ପଥରେ ଯଥେଷ୍ଟ ଆଲୋକ ସୁବିଧା ନ ଥିବା ହେତୁ ଲୋକେ ମଳମୂତ୍ର ତ୍ୟାଗ କରି ଉକ୍ତ ସ୍ଥାନକୁ ଅପରିଚ୍ଛନ୍ନ କରିଥାନ୍ତି । ଉକ୍ତ ୧୧ ଦିନ ଏହି ଅଞ୍ଚଳବାସୀ ସମସ୍ୟା ଜର୍ଜରିତ ଅବସ୍ଥାରେ ସମୟ କାଟିଥାନ୍ତି । ଅପେକ୍ଷା କରିଥାନ୍ତି, କେବେ ଧନୁଯାତ୍ରା ସରିବ ! ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଏକ ନିର୍ଦ୍ଦିଷ୍ଟ ସୁଚିନ୍ତିତ ଯୋଜନା ଅନୁଯାୟୀ ଆୟୋଜିତ ହେଲେ ଏହାକୁ ବରଗଡ଼ବାସୀ ତଥା ବାହାରୁ ଆସୁଥିବା ଲୋକେ ଉପଭୋଗ କରିପାରିବେ ଓ ବେପାର କରିବା ପାଇଁ ଆଶା କରିଥିବା ଲୋକେ କିଛି ଧନ ଉପାର୍ଜନ କରିପାରିବେ, ଫଳରେ ଏହି ଯାତ୍ରା ଆହୁରି ପ୍ରସିଦ୍ଧି ଲାଭ କରିପାରିବ ।

## ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



**ବରପାଲି, ୧୮।୧୨(ସମିସ):** ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମମାଟି ବରପାଲି ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ପରିସରରେ ୫୧ ତମ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦଘାଟିତ ହୋଇଯାଇଛି । ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋଏଲଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ବିଜେପୁର ବିଧାୟକ ସନତ ଗଡ଼ତିଆ, ଅତାବିରା ବିଧାୟକ ନିହାର ମହାନନ୍ଦ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ପଦ୍ମପୁର ବିଧାୟିକା ବର୍ଷାରାଣୀ ସିଂ ବରିହା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଆର୍ ଡି ସି ବିକାଶ ପ୍ରଧାନ, ଏଡିଏମ ମହେନ୍ଦ୍ର ମହାପାତ୍ର,ପୂର୍ବତନ ଡିଇଓ ସୁବୋଧ ଦାଶ, ଜିଲ୍ଲା ଶିକ୍ଷାଅଧିକାରୀ ରାଧାକାନ୍ତ ଛତ୍ରୀ,ସହ ଜିଲ୍ଲା ଶିକ୍ଷାଅଧିକାରୀ ଜ୍ୟୋତିକାନ୍ତ ସାହୁ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧୀରଜ ପଟ୍ଟନାୟକ,ଡିଆଇଇଟି ଅଧ୍ୟକ୍ଷ ରଜନୀକାନ୍ତ ଦାଶ, ଜର୍ଜ ହାଇସ୍କୁଲର ପ୍ରଧାନଶିକ୍ଷକ ଶାଶ୍ୱତୀ ଦାଶ ଯୋଗଦେଇଥିଲେ । ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । କାର୍ଯ୍ୟକ୍ରମର ଆୟୋଜନରେ ବରଗଡ଼ ଜିଲ୍ଲାର ସମସ୍ତ ୧୨ ବ୍ଲକର ବିଇଓ ଏବଂ ଜିଲ୍ଲାର ବିଜ୍ଞ ତଥା ସୁଦକ୍ଷ ବିଜ୍ଞାନ ଶିକ୍ଷକଙ୍କ ସହଯୋଗ , ବରପାଲି ସ୍ଥିତ ବିଭିନ୍ନ ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ନିରବଚ୍ଛିନ୍ନ ପ୍ରୟାସ ଫଳରେ ଓଡ଼ିଶାର ୩୦ ଜିଲ୍ଲାରୁ ଆସିଥିବା ସମସ୍ତ ବାଲ୍ ବୈଜ୍ଞାନିକ, ଗାଇଡ ଶିକ୍ଷକ ଓ ଜିଲ୍ଲା ବିଜ୍ଞାନ ନିରୀକ୍ଷକଙ୍କୁ ଆତିଥେୟତା ପ୍ରଦାନ କରାଯାଇଥିଲା । ସଭାକାର୍ଯ୍ୟକୁ ସଂଯୋଜନା କରିଥିଲେ ରାଜେଶ ଖମାରୀ ଓ ଦ୍ୱାଦଶ ପ୍ରଧାନ । ପରିଶେଷରେ ଏସସିଇଆରଟି ର ସହନିର୍ଦ୍ଦେଶିକା ପ୍ରଲିପ୍ତା ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ । ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦର୍ଶନୀ ଷ୍ଟଲରେ ଫିତାକଟା ଯାଇ ବିଜ୍ଞାନ ମେଳାର ଶୁଭାରମ୍ଭ କରଯାଇଥିଲା । ଏହି ପ୍ରଦର୍ଶନୀରେ ସମୁଦାୟ ୨୧୦ ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହେଉଛି, ଯାହାକି ଆଗାମୀ ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ୩.୫ ଲକ୍ଷର ଖଇର ଗଣ୍ଡି ଜବତ; ଜଣେ ଅଟକ

**ପଦ୍ମପୁର, ୧୮।୧୨ (ସମିସ):** ପଦ୍ମପୁର ବନ ବିଭାଗ କର୍ମଚାରୀମାନେ ବଡ଼ସାହାଜବାହାଲ ଜଗଲପାଟ ଗ୍ରାମ ରାସ୍ତା ମଝିରେ ଏକ ପିକଅପ୍ ଗାଡ଼ି(ଓଆର ୦୩ ଜି ୩୭୧୪)କୁ ଅଟକ ରଖି ତନଖି କରିଥିଲେ । ଉକ୍ତ ଗାଡ଼ିରୁ ୩.୫ ଟନ ଖଇର ଗଣ୍ଡି ଜବତ କରିଥିଲେ । ଯାହାର ଆନୁମାନିକ ମୂଲ୍ୟ ୩,୫୦,୦୦୦/ ଟଙ୍କା ବୋଲି ରେଞ୍ଜର ସୁଦାମ ଜଗଦଲା ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକଳାପରେ ସଂପୃକ୍ତ ଥିବା ଟେଙ୍ଗନାପାଲି ଗ୍ରାମର ଲକ୍ଷ୍ମଣ ବରିହାକୁ ଅଟକ ରଖି ତଦନ୍ତ ଜାରି ରହିଛି । ରେଞ୍ଜର ସୁଦାମ ଜଗଦଲା, ବନପାଳ ଦିବାକର ପ୍ରଧାନ, ସ୍କ୍ୱାଡ୍ ମାନ ଠେଟୁଆ, କେଶ ବୁଡ଼େକ, ବାସୁଦେବ ସାହୁ, ଗଣେଶ ସାହୁ ଏହି ଚଢ଼ଉରେ ସାମିଲ ଥିଲେ ।

## ରାଷ୍ଟ୍ରୀୟ ଶିକ୍ଷା ବିକାଶ ପୂର୍ଣ୍ଣାଙ୍ଗ ବିଦ୍ୟାଳୟର ମାତୃ ସମ୍ମିଳନୀ

**ଥୁଆପାଲି, ୧୮।୧୨(ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଥୁଆପାଲି ରାଷ୍ଟ୍ରୀୟ ଶିକ୍ଷା ବିକାଶ ପୂର୍ଣ୍ଣାଙ୍ଗ ବିଦ୍ୟାଳୟ ଠାରେ ୧୬ତମ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଅଭିଭାବିକା ଜୟନ୍ତୀ ମେହେର ଏହାକୁ ପରିଚାଳନା କରିଥିଲେ । ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମୀୟ କୁମାର ମେହେର ସଭାପତିତ୍ୱ କରିଥିଲେ । ମୁଖ୍ୟ ବକ୍ତାଭାବେ ବାମଦେବ ପାଢ଼ୀ, ଉଚ୍ଚ ବିଦ୍ୟାଳୟ ପ୍ରାକ୍ତନ ଶିକ୍ଷକ ଧନପତି ଷାଣ୍ଡ ଯୋଗଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ଲତାଗିରି, ବବିତା ଗୁରୁମା, ସସ୍ମିତା ଗୁରୁମା, ରେବତୀ ଗୁରୁମା, ନାରାୟଣ ଗୁରୁଜୀ ପ୍ରମୁଖ ଉପସ୍ଥିତ ଥିଲେ । ପରିଶେଷରେ ବଳରାମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ଉକିଆ ୨୦୨୪ ଉଦ୍ୟାପିତ

## ୨୫୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ବିହନ ପଦଯାତ୍ରା



**ପାଇକମାଳ, ୧୮।୧୨ (ସମିସ)**

ପାଇକମାଳ ବ୍ଲକ୍ ବରତୁଣ୍ଡା ପଞ୍ଚାୟତ ସୁରୁଙ୍ଗିଦାଦର ଠାରେ ୨୦ ତମ ଉକିଆ ୨୦୨୪ ବୁଧବାର ଉଦଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ୨୫୦ରୁ ଉର୍ଦ୍ଧ୍ୱ ଚାଷୀ ସୁରୁଙ୍ଗିଦାଦର ଗ୍ରାମ ଦେବୀଗୁଡ଼ିଠାରୁ ବିହନ ପଦଯାତ୍ରା କରି ସଭାସ୍ଥଳକୁ ଯାଇ ଅତିଥିଙ୍କ ଦ୍ୱାରା ଉକିଆ ୨୦୨୪ର ପତାକା ଉତ୍ତୋଳନ କରିଥିଲେ । ଚାଷୀଙ୍କ ଦ୍ୱାରା ପ୍ରସ୍ତୁତ ବିହନ ବୃକ୍ଷରେ ଅତିଥି ଓ ଚାଷୀମାନେ ମିଳିତ ଭାବେ ସୁତା ବନ୍ଧନ କରି ଦେଶୀ ବିହନକୁ ସୁରକ୍ଷା ପାଇଁ ଏକ ଶପଥ କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା କୃଷି ଅଧିକାରୀ ପଦ୍ମପୁର ଭାସ୍କର ପଣ୍ଡା, ସମ୍ମାନିତ ଅତିଥି ଭାବେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ପଦ୍ମପୁର ପ୍ରଭାସ ଚନ୍ଦ୍ର ପଣ୍ଡା, ସରକାରୀ ଆୟୁର୍ବେଦ ଚିକିତ୍ସାଳୟର ଅଧ୍ୟକ୍ଷ ଶରତ ଚନ୍ଦ୍ର ବେହେରା, ପାଇକମାଳ ବ୍ଲକ୍ କୃଷି ଅଧିକାରୀ ସୋମନାଥ ମହାପାତ୍ର, ଓଡ଼ିଶା ଜିବିକା ମିଶନ ପରିଚାଳକ ସତ୍ୟ କୁମ୍ଭାର ଯୋଗଦେଇ ପାରମ୍ପରିକ ବିହନରେ ଚାଷ, ମାଟି ସୁରକ୍ଷା, ବିଷମୁକ୍ତ ଫସଲ ଆଦି ବିଷୟରେ କହିଥିଲେ । ଉକ୍ତ ସଭାକୁ ମହାସଂଘର ସଭାପତି ସୁବାସ ଚନ୍ଦ୍ର ମହାନ୍ତି ଓ ସମ୍ପାଦିକା ଅପସନା ସାହୁ ପରିଚାଳନା କରିଥିବା ବେଳେ ହିମାଞ୍ଜଳି ଦାସ ବାର୍ଷିକ ବିବରଣୀ ପଠନ କରିଥିଲେ । ବିଭିନ୍ନ କୃଷି ଜନ୍ତ୍ରପାତି, ୪୨ ପ୍ରକାର ଦେଶୀ ବିହନ ଓ ଜୈବିକ ଖତସାର ସହ ବିଭିନ୍ନ ହାତ ତିଆରି ଜିନିଷ ପ୍ରଦର୍ଶିତ କରାଯାଇଥିଲା ।

## ଦଧିବାମନ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଭଟଲି, ୧୮।୧୨(ସମିସ):** ଦଧିବାମନ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ କ୍ରୀଡ଼ା ସଂସଦର ସମ୍ପାଦକ ସୁବ୍ରତ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଖେଳାଳିମାନେ ଦଧିବାମନ ମନ୍ଦିରଠାରୁ କଲେଜ ଖେଳ ପଡ଼ିଆ ପର୍ଯ୍ୟନ୍ତ ମଶାଲ ଆଣିଥିଲେ । ଖେଳ ଶିକ୍ଷକ କୈାସ୍ତୁଭ ସରାପଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଖେଳ ପ୍ରତିଯୋଗିତା ହୋଇଥିଲା । ଅତିଥି ଭାବେ ଅଚ୍ୟୁତ ବୁଧିଆ, ଗୋପାଳ ନାୟକ, ଅକ୍ଷୟ ନାୟକ ଯୋଗଦାନ କରିଥିଲେ । ସଭା ପରିଚାଳନା କରିଥିଲେ ଓଡ଼ିଆ ଅଧ୍ୟାପକ ଦୁର୍ଗାଶିଷ ପଟ୍ଟନାୟକ । କ୍ରୀଡ଼ା ସଂସଦର ସମ୍ପାଦକ ଶୈଳେଶ ଶତପଥୀ ଓ ସୀମା ବରିହା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

Heartfelt congratulations to
'The Sakala' on its
remarkable journey of four
glorious years !

Best Compliments from
JSW Utkal Steel Ltd., Paradip

## ପଦ୍ମପୁର ଲୋକ ମହୋତ୍ସବ ସାଂସ୍କୃତିକ ପର୍ବ ଉଦ୍‌ଘାଟିତ



**ପଦ୍ମପୁର, ୧୮।୧୨ (ସମିସ):** ପଦ୍ମପୁରର ଅଶୋକ ଖେଳ ପଡ଼ିଆ ଠାରେ ଟାଉନ କ୍ଲବ ଦ୍ୱାରା ଆୟୋଜିତ ଚତୁର୍ଥ ପଦ୍ମପୁର ଲୋକ ମହୋତ୍ସବ ଉଦଘାଟିତ ହୋଇଯାଇଛି । ଉତ୍ତରଞ୍ଚଳ ଆରଡିସି ସଚିନ ରାମଚନ୍ଦ୍ର ଯାଦବ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଚତୁର୍ଥ ଲୋକ ମହୋତ୍ସବର ସାଂସ୍କୃତିକ ପର୍ବକୁ ଉଦଘାଟନ କରିଛନ୍ତି । ସମ୍ମାନିତ ଅତିଥି ଭାବରେ ପଦ୍ମପୁର ଏଡିଏମ କୁଣାଲ ମୋତିରାମ ଚୌହାନ ଏବଂ ଉପ-ଜିଲ୍ଲାପାଳ ସ୍ନେହା ଅରୁଗୁଳା ଯୋଗ ଦେଇଥିଲେ । କ୍ଲବର ସଭାପତି ପ୍ରୀତେଶ କୁମାର ବହିଦାର ଅତିଥିଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଆବାହକ ଅଶୋକ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । କଣ୍ଠଶିଳ୍ପୀ ପ୍ରତ୍ୟୁଷ ମିଶ୍ର ପ୍ରଥମେ ଏକ ସମଲେଇ ଭଜନରୁ ସନ୍ଧ୍ୟା ଆରମ୍ଭ କରିଥିବା ବେଳେ ସ୍ଥାନୀୟ ଟଙ୍କିକିଆ ସଂଗୀତ ବିଦ୍ୟାଳୟର ଛାତ୍ରମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ସୋନପୁରର ଶୁଆଙ୍ଗ ସାଂସ୍କୃତିକ ଅନୁଷ୍ଠାନ, ବାଳିକା ଉଚ୍ଚ ବିଦ୍ୟାଳୟ ସାଂସ୍କୃତିକ ଦଳ, ସର୍ବୋଦୟ ଉଚ୍ଚ ବିଦ୍ୟାଳୟ ଲୁଇସିଙ୍ଗା, ମହିଳା ମହା ବିଦ୍ୟାଳୟ ପଦ୍ମପୁର, ଅତାବିରା କୁରଫୁଲ ସାଂସ୍କୃତିକ ଅନୁଷ୍ଠାନ, ପ୍ରକାଶ ସାହୁ ଏବଂ ଅନୁଷ୍ଠାନ, ସ୍ୱରାଙ୍ଗିନୀ ସାଂସ୍କୃତିକ ଅନୁଷ୍ଠାନ ଛତିଶଗଡ଼, ପଦ୍ମପୁର ଜେନିଥ ଲୟନ୍ସ ଗୁରୁକୁଳର ସାଂସ୍କୃତିକ ଦଳ ନିଜର ନୃତ୍ୟ ପରିବେଷଣ କରିଥିବା ବେଳେ ନବପ୍ରଭାତ ବିଦ୍ୟାଳୟ ନୂଆପାଲିର ଛାତ୍ରଙ୍କ ଆଖଡ଼ା ଓ ଯୋଗାସନ ପ୍ରଦର୍ଶନ ସମସ୍ତଙ୍କୁ ମୁଗ୍ଧ କରିଥିଲା ।

ଜଗନ୍ନାଥ ଟ୍ରକ୍ ମାଲିକ ସଂଘ
ଲକପଡା, ଅଠରବାଙ୍କି, ପାରାଦୀପ
ଦୈନିକ 'ସକାଳ' ଖବରକାଗଜର ୪ର୍ଥ
ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଶୁଭକାମନା
ରାକେଶ କୁମାର ଜେନା
ସଭାପତି
ବିଜୟ କୁମାର ପରିଡା
କାର୍ଯ୍ୟକାରୀ ସଭାପତି
ସରୋଜ ମହାପାତ୍ର
ଉପସଭାପତି
ବିଶ୍ୱ ରଞ୍ଜନ ପଲାଇ
ସମ୍ପାଦକ
ସୁଧୀର କୁମାର ଜେନା
ସହ-ସମ୍ପାଦକ
ମାନସ ପାତ୍ର, କୋଷାଧ୍ୟକ୍ଷ

## ହଷ୍ଟେଲରୁ ଲୁଚି ପଳାଇଥିବା ୯ ଛାତ୍ର ଉଦ୍ଧାର

**ତରଭା, ୧୮।୧୨(ସମିସ):** ତରଭା ବ୍ଲକ ଅଧୀନ ଚରଭଟ୍ଟା ହାୟର ସେକେଣ୍ଡରୀ ସ୍କୁଲର ହଷ୍ଟେଲରେ ରହୁଥିବା ୯ଜଣ ଛାତ୍ର ବୁଧବାର ସକାଳ ୫ଟାରେ ଲୁଚିକରି ପଳାଇ ଆସିଥିବାବେଳେ ସେମାନଙ୍କୁ ପୁଲିସ ବଲାଙ୍ଗିରରୁ ଉଦ୍ଧାର କରିଛି। ସୂଚନାନୁଯାୟୀ, ୧୩ରୁ ୧୫ ବର୍ଷୀୟ ଏହି ଛାତ୍ରମାନେ ଚାଲି ଚାଲି ଆସୁଥିବାବେଳେ କୁମ୍ଭାରମୁଣ୍ଡାର କେତେଜଣ ଗ୍ରାମବାସୀ ଦେଖି ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ହେଲେ ସେମାନେ ନ ଅଟକି ଏକ ଘରୋଇ ବସ୍‌ରେ ବଲାଙ୍ଗିରକୁ ପଳାଇଥିଲେ। ଏବିଷୟରେ ତରଭା ଥାନା ଆଇଆଇସି ଅନିତା କିଡୋଙ୍କ ନିର୍ଦ୍ଦେଶରେ କମସରା ଫାଣ୍ଡି ଅଧିକାରୀ ଗଜାନନ ବେହେରା ବଲାଙ୍ଗିର ପୁଲିସ ସହାୟତାରେ ବଲାଙ୍ଗିରରୁ ସେମାନଙ୍କୁ ଉଦ୍ଧାର କରି ବିଦ୍ୟାଳୟର ଶିକ୍ଷକମାନଙ୍କ ଜିମା ଦେଇଥିଲେ। ଏ ସମ୍ବନ୍ଧେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶର୍ମିଷ୍ଠା ଗୌଡ଼ଙ୍କୁ ପଚାରିବାରୁ ୨୧ ତାରିଖରୁ ଏକ୍ସମାସ ଛୁଟି ହେବ ହେଲେ, କିଛି ଛାତ୍ର ପୂର୍ବରୁ ଛୁଟି ଦେବାକୁ କହୁଥିଲେ। ସେମାନଙ୍କୁ ଶନିବାର ଠାରୁ ଛୁଟି ଦିଆଯିବ ବୋଲି କହିଥିଲୁ ସେମାନେ ଆମ କଥା ନମାନି ଲୁଚି ପଳାଇଥିଲେ ବୋଲି ସେ କହିଛନ୍ତି।

## ଇଂଜିନିୟର ସୁରେନ୍ଦ୍ର ମେହେରଙ୍କ ପରଲୋକ



**ସୋନପୁର, ୧୮।୧୨(ସମିସ):** ସୁବର୍ଣ୍ଣପୁର ସମଗ୍ର ଶିକ୍ଷାର ଭାରପ୍ରାପ୍ତ ବୈଷୟିକ ପରାମର୍ଶଦାତା ସୁରେନ୍ଦ୍ର ମେହେର(୫୯)ଙ୍କ ମଙ୍ଗଳବାର ରାତିରେ ବରଗଡ଼ର ଏକ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ ଜଣେ ମେଳାପି ଏବଂ ଭଦ୍ର ମଣିଷ ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ଗ୍ରୀଡକୋ କଲୋନୀସ୍ଥିତ ବାସଭବନରେ ଡଃ ସୌରଭ ଖମାରୀ, ଡଃ ପୁରୁଷୋତ୍ତମ ମିଶ୍ର, ଡଃ ଦେବାଶିଷ ପାଣ୍ଡିଆ, ଡିଇଓ ଲକ୍ଷ୍ମଣ ଭୋଇ, ବିଏମ୍‌ପୁର ଉପାଧ୍ୟକ୍ଷ ନାରାୟଣ ଲୁହା, ବ୍ରତାନନ୍ଦ ଭୋଇ ପ୍ରମୁଖ ଉପସ୍ଥିତ ରହି ଶେଷଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ସସ୍ମିତା, ପୁଅ ସୌମ୍ୟ ଶାଶ୍ୱତ, ଝିଅ ପୂଜା ଓ ରୋଜାଙ୍କ ସହ ଜ୍ଞାତି କୁଟୁମ୍ବ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକଶ ପାଇଛି।

## ବିଦେଶୀ ମଦ ଜବତ, ଦୁଇ ଗିରଫ

**ବଲାଙ୍ଗିର, ୧୮।୧୨(ସମିସ):** ସଇଁତଲା ଥାନା ଆମ୍ବପାଲି ଗ୍ରାମ ନିକଟରୁ ୪୩.୨୭୫ ଲିଟର ବିଦେଶୀ ମଦ ଜବତ ହୋଇଛି। ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯିବା ସହିତ ଗୋଟିଏ ବାଇକ୍ ଜବତ କରାଯାଇଛି। ଗିରଫ ଦୁଇଜଣ ବିହାରୀ ଯୁବକ ସଚିନ କୁମାର (୨୪), ଆୟୁଷ ସିଂ(୨୭) ବାଟ୍ ଯୋଗେ ଆମପାଲି ଅଞ୍ଚଳକୁ ଚାଲାଣ କରୁଥିବା ବେଳେ ସଇଁତଲା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଧରିଥିଲା।

## ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଲଛିପୁର, ୧୮।୧୨(ସମିସ):** ସୋନପୁର ବ୍ଲକ ବିଶିମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରମେଶ ମେହେର ମଶାଲ ପ୍ରଜ୍ୱଳନ କରି କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ସିନିଅର ଓ ଜୁନିଅର ବିଭାଗୀକରଣ କରାଯାଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷକ ବିଶ୍ୱବିହାରୀ ମିଶ୍ର, ଶିକ୍ଷୟିତ୍ରୀ ପ୍ରତିମା ସାହାଣୀ, କୁନୁଲତା ସାହୁ, ସୃଜନୀ ମିଶ୍ର ଖେଳ ଶିକ୍ଷକ ଯୋଗେଶ୍ୱର ନାଗ ଓ ଶିବାଶିଷ ବଘାର ଖେଳ ପରିଚାଳନା କରିଥିଲେ।

## ୨୦ରେ କୋମନାରେ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର

**କୋମନା, ୧୮।୧୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ସାପ୍ତାହିକ ବଜାରପଡ଼ିଆସ୍ଥିତ କଲ୍ୟାଣମଣ୍ଡପରେ କୈଳାସ ଭଗବତୀ ଫାଉଣ୍ଡେସନ ଟ୍ରଷ୍ଟ ଓ ମୁରଲୀକ୍ରିଷ୍ଣା ଫାଉଣ୍ଡେସନର ମିଳିତ ଉଦ୍ୟମରେ ଆସନ୍ତା ଶୁକ୍ରବାର ଦିନିକିଆ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଶିଶୁ ରୋଗ ସର୍ଜରୀ ବିଶେଷଜ୍ଞ ଡା. ପ୍ରଣୟ କୁମାର ପାଣିଗ୍ରାହୀ, ମେଡିସିନ ଡା. ତପନ ସିଂ, ଇଏନଟି ଡା.ଡିଲିନା ସାଇବାମ, ଛାତି ଓ ଫୁସଫୁସ ରୋଗ ବିଶେଷଜ୍ଞ ଡା. ମୋହିତ କୁମାର, ଦନ୍ତରୋଗ ବିଶେଷଜ୍ଞ ଡା. ମୃଗାକ୍ଷୀ ପାଣିଗ୍ରାହୀ, ଫିଜିଓଥେରାପି ଡା.ମହମ୍ମଦ ହାସିନ ଅଖତର ପ୍ରମୁଖ ଯୋଗଦେଇ ରୋଗୀମାନଙ୍କ ପରୀକ୍ଷା କରିବେ ବୋଲି ଟ୍ରଷ୍ଟ ଅଧ୍ୟକ୍ଷ ପ୍ରତ୍ୟୁଷ ରଞ୍ଜନ ପାଣିଗ୍ରାହୀ ସୂଚନା ପ୍ରଦାନ କରିଛନ୍ତି।

## ପଞ୍ଚାୟତ ସମିତି କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**କୋମନା, ୧୮।୧୨(ସମିସ):** ନୂଆପଡ଼ା ଜିଲ୍ଲା କୋମନାସ୍ଥିତ ପଞ୍ଚାୟତ ସମିତି ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଲାଲ ଆଶୁତୋଷ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଅଶ୍ୱିନୀ କୁମାର ଓତା, ବଚନ ଭୋଇ, ନାରାୟଣ ମିଶ୍ର, ପ୍ରଶାନ୍ତ ପଣ୍ଡା, ତୁମେଶ୍ୱର କର୍ମୀ, ଡା. ବିନୋଦ ବିହାରୀ ରଥ, ସୁଜାତା ବନଗୋଲା, ପ୍ରିତୀବନ୍ୟା ପାଢ଼ୀ, ପ୍ରଜ୍ଞାପରମିତା ବାରିକ, ଜୟଶ୍ରୀ ଚଳାନ ଓ ବନ୍ଦନା ଚଳାନ ପ୍ରମୁଖ ଯୋଗଦେଇ ବାର୍ଷିକ କ୍ରୀଡ଼ାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଡା. ଦୀପକ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଖେଳ ଅଧ୍ୟାପକ ଶଙ୍କର ବୈଠାରୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାଲିହା ଜଙ୍ଗଲରେ ହାତୀ; ଭୟରେ ଅଞ୍ଚଳବାସୀ

**ନୂଆପଡ଼ା, ୧୮।୧୨(ସମିସ)**



ସାଲିହା ଜଙ୍ଗଲରେ ଏକ ବଣୁଆ ହାତୀ ଆସି ଡେରା ପକାଇଥିବାରୁ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ସନ୍ଧ୍ୟାରେ ଗାଁଗୁଡ଼ିକରେ ଲୋକେ ତାଟି କବାଟ ବନ୍ଦ କରିଦେଇଥିବାବେଳେ ଗାଁ ଦାଣ୍ଡ ସବୁ ଶୂନଶାନ ହୋଇପଡ଼ିଛି। ପ୍ରକାଶ ଯେ ବୁଧବାର ପଡ଼ୋଶୀ ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଅଞ୍ଚଳରୁ ଏକ ବଣୁଆ ହାତୀ ନୂଆପଡ଼ା ଜିଲ୍ଲା ମୁହାଁ ହୋଇଥିବା ଖବର ପାଇ ବନବିଭାଗ ତରଫରୁ ତତ୍ପରତା ଦେଖାଯାଇଥିଲା। ହାତୀର ଗତିବିଧି ଉପରେ ନଜର ରଖିଥିଲା ବନବିଭାଗ। ପରେ ହାତୀ ଲଖନା, ଟେଙ୍ଗନାବସା, ହରିପୁର, ଜୁନାନୀ ଦେଇ ସାଲିହା ଜଙ୍ଗଲରେ ପ୍ରବେଶ କରିଥିଲା। ଏହି ଖବର ବିଜୁଳି ବେଗରେ ପ୍ରଚାରିତ ହେବାପରେ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଏହାକୁ କେହି କେହି ତିନିଗୋଟି ହାତୀ ଥିବାନେଇ ଚର୍ଚ୍ଚା ହେଉଥିଲା। ପରେ ବନବିଭାଗ ତରଫରୁ ଡ୍ରୋନ କ୍ୟାମେରା ଯୋଗେ ଯାଞ୍ଚ କରାଯାଇଥିଲା। ମାତ୍ର ଗୋଟିଏ ହାତୀ ରହିଥିବା ସ୍ପଷ୍ଟ ହେବାପରେ ବନବିଭାଗ ତରଫରୁ ସ୍ଥାନୀୟ ଅଞ୍ଚଳରେ ମାଇକ ସାହାଯ୍ୟରେ ସଚେତନତା କରାଯାଇଥିଲା। ଗାଁଗୁଡ଼ିକରେ ବିଜୁଳି ସଂଯୋଗ ବିଚ୍ଛିନ୍ନ କରାଯାଇଥିବାବେଳେ ରାତିରେ କେହି ବାହାରକୁ ନଯିବାକୁ କୁହାଯାଇଛି। ହାତୀ କୌଣସି କ୍ଷୟ କ୍ଷତିକରିନାହିଁ। ଲୋକ ମଧ୍ୟ ହାତୀର କୌଣସି କ୍ଷତି ନ ଘଟାଇବାକୁ ରେଞ୍ଜର ପ୍ରବୀଣ ଦାସ ଆହ୍ୱାନ କରିଛନ୍ତି।

## ବ୍ରାହ୍ମଣ ସମାଜର ସାଧାରଣ ପରିଷଦ ବୈଠକ

**ଟିଟିଲାଗଡ଼, ୧୮।୧୨(ସମିସ):** ଟିଟିଲାଗଡ଼ ବ୍ରାହ୍ମଣ ସମାଜର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଝାରଦେଓବନ୍ଧ ଠାରେ ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ଼ ବ୍ରାହ୍ମଣ ସମାଜର ସଭାପତି ସୁବୋଧ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଆଗାମୀ ୨୦୨୫ ବର୍ଷ ପାଇଁ ସମାଜର ବିଭିନ୍ନ କାର୍ଯ୍ୟକ୍ରମର ଖସଡା ପ୍ରସ୍ତୁତ କରାଯାଇଥିଲା। ଆଗାମୀ ମାର୍ଚ୍ଚ ମାସ ୩୦ ଓ ୩୧ ତାରିଖରେ ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମ କରାଯିବା ପାଇଁ ଧାର୍ଯ୍ୟ କରାଗଲା। ଏଥିପାଇଁ ଏବେ ଠାରୁ ଇଚ୍ଛୁକ ପିତାମାତା ଟିଟିଲାଗଡ଼ ବ୍ରାହ୍ମଣ ସମାଜର ସଭାପତି, ସମ୍ପାଦକ କିମ୍ବା କର୍ମକର୍ତ୍ତାଙ୍କୁ ଯୋଗାଯୋଗ କରିପାରିବେ। ଆଗାମୀ ପର୍ଶୁରାମ ଜୟନ୍ତୀକୁ ଧୂମଧାମରେ ପାଳନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଗଲା। ଏହା ବ୍ୟତୀତ ସମାଜର ସ୍ଥାୟୀ ଗୃହ ନିର୍ମାଣ ଓ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଟିଟିଲାଗଡ଼ ବ୍ରାହ୍ମଣ ସମାଜର ସମ୍ପାଦକ ସତ୍ୟବ୍ରତ ପଣ୍ଡା ବିବରଣୀ ପଠନ କରିଥିବା ବେଳେ ବରିଷ୍ଠ ସଦସ୍ୟ ରାଜେନ୍ଦ୍ର ନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ସମାଜର ଉପ-ସଭାପତି ରାମନାରାୟଣ ମିଶ୍ର, ସହସମ୍ପାଦକ ଶୁକଦେବ ଯୋଷୀ, କୋଷାଧ୍ୟକ୍ଷ ରମାନାଥ ଖମାରୀ, କାର୍ଯ୍ୟକାରିଣୀ କମିଟି ସଦସ୍ୟ ମୀନକେତନ ମିଶ୍ର, ମାନସ ପାଣି, ଚିନ୍ତାମଣି ମହାପାତ୍ର, ଭକ୍ତପ୍ରସାଦ ପୁରୋହିତ, ବନମାଳୀ ଦାଶ ପ୍ରମୁଖ ସହଯୋଗ କରିଥିଲେ।

## ଭାରତ ସ୍କାଉଟ୍ ଏବଂ ଗାଇଡ୍‌ର ଜିଲ୍ଲାସ୍ତରୀୟ ଶିବିର

**ବୀରମହାରାଜପୁର, ୧୮।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଭାରତ ସ୍କାଉଟ୍ ଗାଇଡ୍‌ର ୧୨ତମ ଜିଲ୍ଲାସ୍ତରୀୟ ଶିବିର ଦ୍ୱିତୀୟ ଦିନରେ ଉପନୀତ ହୋଇଛି। ଜିଲ୍ଲାର ୧୦୦ଟି ବିଦ୍ୟାଳୟର ୮୬ଜଣ ସ୍କାଉଟ୍ ମାଷ୍ଟର, ୨୧ ଜଣ ଗାଇଡ୍ କ୍ୟାପ୍‌ଟେନ୍ ଓ ୪୧୦ ଜଣ ସ୍କାଉଟ୍ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଦ୍ୱିତୀୟ ଦିବସର ପ୍ରାରମ୍ଭରେ ସକାଳ ୬ଟାରେ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୋଗାଚାର୍ଯ୍ୟ ଡ.ଦ୍ୱିତୀକୃଷ୍ଣ ପଣ୍ଡା ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ପରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସନ୍ତୋଷ ବିଶିଙ୍କ ପ୍ରବଚନ ହୋଇଥିଲା। ପୂର୍ବାହ୍ନ ବୈଠକରେ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ଭାରତ ସ୍କାଉଟ ଓ ଗାଇଡ୍‌ର ଜାତୀୟ ଉପ ସଭାପତି କାଳୀପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ଆସିଷ୍ଟାଣ୍ଟ ଷ୍ଟେଟ କମିଶନର୍ ଦୁଃଶାସନ ସ୍ୱାଇଁ, ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ, ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନ୍‌କା ଲକ୍ଷ୍ମଣ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ସ୍ୱାଗତ କରିଥିବା ବେଳେ ଜିଲ୍ଲା ସମ୍ପାଦକ ସ୍କାଉଟ୍ ଓ ଗାଇଡ୍ ସତ୍ୟନାରାୟଣ ତ୍ରିପାଠୀ ବିବରଣୀ ସହିତ କ୍ୟାମ୍ପ ରିପୋର୍ଟ ଉପସ୍ଥାପନ କରିଥିଲେ। ଶେଷରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସ୍କାଉଟ୍ ମାଷ୍ଟର ସଞ୍ଜିବ କୁମାର ସାହୁ ସଭା ସଂଯୋଜନା କରିଥିଲେ। ସାନ୍ଧ୍ୟ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଇଂ ରଘୁନାଥ ଜଗଦଲା ମୁଖ୍ୟଅତିଥି ଭାବରେ ଯୋଗଦେଇ ସ୍କାଉଟ୍ ଓ ଗାଇଡ୍‌ମାନଙ୍କୁ ଉତ୍ସାହିତ କରିଥିଲେ।

## ପ୍ରାକ୍-ମାଟ୍ରିକ୍ ଛାତ୍ରବୃତ୍ତି ଉପରେ ସମନ୍ୱୟ କର୍ମଶାଳା



**ନୂଆପଡ଼ା, ୧୮।୧୨(ସମିସ):** ନୂଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ୨୦୨୪-୨୫ ପ୍ରାକ-ମାଟ୍ରିକ ଛାତ୍ରବୃତ୍ତିକୁ ନେଇ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାକୁ ଆକାଂକ୍ଷା ଜିଲ୍ଲା କାର୍ଯ୍ୟକ୍ରମ (ଏଡିପି)ର ବିକାଶ ସହଯୋଗୀ ସଂସ୍ଥା ପିରାମଲ ଫାଉଣ୍ଡେସନ ଦ୍ୱାରା ପରିଚାଳନା କରାଯାଇଥିଲା। କର୍ମଶାଳାରେ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୂଏ ପ୍ରାକ-ମାଟ୍ରିକ ଛାତ୍ରବୃତ୍ତି ଉପରେ ଉଦଘାଟନୀ ସମ୍ବୋଧନ ଦେଇଥିବାବେଳେ ଜିଲ୍ଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ ଉପସ୍ଥିତ ନୂଆପଡ଼ା ବ୍ଲକର ଉଚ୍ଚ ବିଦ୍ୟାଳୟରୁ ଆସିଥିବା ଇନଷ୍ଟିଟ୍ୟୁଟ ନୋଡାଲ ଅଫିସର(ଏଇଏନଓ)ମାନଙ୍କୁ, କିପରି ଛାତ୍ରଛାତ୍ରୀ ଶତ ପ୍ରତିଶତ ଛାତ୍ରବୃତ୍ତି ପାଇବେ ସେ ନେଇ ଆଲୋକପାତ କରିଥିଲେ। କର୍ମଶାଳାରେ ଛାତ୍ରଛାତ୍ରୀଙ୍କ ଆଧାର-ବ୍ୟାଙ୍କ ସିଡିଙ୍ଗ ସମସ୍ୟାକୁ ଆଗତ ସଂଶୋଧନ ତଥା ସଚେତନ କରିବା ନିମନ୍ତେ କିପରି ମାଇଁ ଆଧାର ଓ ଏନପିଇସିଆଇ ପୋର୍ଟାଲ ସାହାଯ୍ୟରେ କରିହେବ ସେନେଇ ପିରାମଲ ଫାଉଣ୍ଡେସନ ପକ୍ଷରୁ ଜିଲ୍ଲା କାର୍ଯ୍ୟକ୍ରମ ସଞ୍ଚାଳକ ଭବାନୀ ଶଙ୍କର ନାୟକ ଉପସ୍ଥିତ ଏଇଏନଓ ମାନଙ୍କର ଦକ୍ଷତା ବୃଦ୍ଧି କରାଇଥିଲେ। କର୍ମଶାଳାଟି ଆସନ୍ତା ଦିନରେ ଅନ୍ୟ ୪ଟି ବ୍ଲକରେ ମଧ୍ୟ କରିବାର ଯୋଜନା ଅଛି। ଏଥିରେ ଜିଲ୍ଲାର ୧୫୭ଟି ଉଚ୍ଚ ବିଦ୍ୟାଳୟର ଏଇଏନଓମାନଙ୍କ ଦକ୍ଷତା ବୃଦ୍ଧି ହେବା ସହିତ ଉପଯୁକ୍ତ ଛାତ୍ରଛାତ୍ରୀ ଉପକୃତ ହବାର ଲକ୍ଷ୍ୟ ରଖାଯାଇଛି। ଅନ୍ୟ ଅଧିକାରୀଙ୍କ ମଧ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ପେଡ଼ାଗୋଜି ସଂଯୋଜକ ହେମନ୍ତ ଭୋଇ ଓ ଜିଲ୍ଲା ଛାତ୍ରବୃତ୍ତି ସଂଯୋଜକ ଶୁଭଶ୍ରୀ ହେନା ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ଶିକ୍ଷକଶିକ୍ଷୟିତ୍ରୀଙ୍କ ପ୍ରଶିକ୍ଷଣ ଶିବିର 'ବର୍ଣ୍ଣାଳୀ'



**ତରଭା, ୧୮।୧୨(ସମିସ):** ବାଳକ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରଶିକ୍ଷଣ ଶିବିର 'ବର୍ଣ୍ଣାଳୀ' ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ସାମାଜିକ ଲିଙ୍ଗଭିତ୍ତିକ ସମତା ପାଇଁ ଅନୁଷ୍ଠିତ ଏହି ତିନିଦିନିଆ ଶିବିରର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାପାତ୍ର, ସମ୍ମାନିତ ଅତିଥିଭାବେ ତରଭା ବାଳକ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁରଜ କୁମାର ସେଠୀ ଯୋଗଦେଇଥିଲେ। ବ୍ଲକର ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟରୁ ପ୍ରାୟ ୫୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଶିବିରରେ ପ୍ରଶିକ୍ଷଣ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ତରଭା ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାପାତ୍ର, ତରଭା ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରଜ କୁମାର ସେଠୀ, ସିଆରସିସି ଜୟନ୍ତ କୁମାର ମେହେର, ବରିଷ୍ଠ ଜିଲ୍ଲା ସାଧନକର୍ମୀ ପ୍ରଦ୍ୟୁମ୍ନ ମହାନ୍ତି, ସଞ୍ଜିବ ସେଠୀ, ପୁଷ୍ପା ସେଠୀ ଓ ବବିତା ମେହେର ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ଯନ୍ତ୍ରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁରେନ୍ଦ୍ର ମେହେରଙ୍କ ବିୟୋଗରେ ଅମର ଆତ୍ମାରଶାନ୍ତି ପାଇଁ ଶୋକସଭା ଏବଂ ନୀରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷକ ନୀଳକଣ୍ଠ ବଗର୍ତ୍ତି ମଞ୍ଚ ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ମହାପାତ୍ର ପରିଚାଳନା କରିଥିଲେ।

## ଗର୍ଭବତୀଙ୍କୁ ସୁସ୍ଥ ଖାଦ୍ୟ ଅଭ୍ୟାସ ଉପରେ ତାଲିମ



**ତୁଷୁରା, ୧୮।୧୨(ସମିସ):** ମଙ୍ଗଳବାର ଦିନ ଗୁଡ଼ଭେଲା ବ୍ଲକ ତେନ୍ତୁଳିଖୁଣ୍ଟି ପଞ୍ଚାୟତ ପରିସରରେ ମହାଶକ୍ତି ଫାଉଣ୍ଡେଶନ ଦ୍ୱାରା ଗର୍ଭବତୀ ମହିଳା ଏବଂ ସ୍ତନ୍ୟପାନ କରାଉଥିବା ମା'ମାନଙ୍କୁ ସ୍ୱତନ୍ତ୍ର ସ୍ତନ୍ୟପାନ, ସୁସ୍ଥ ଖାଦ୍ୟ ଅଭ୍ୟାସ ଉପରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ମୁଖ୍ୟ ଅତିଥି ଭାବରେ ଗୁରୁଦାନନ୍ଦ ମହାନନ୍ଦ, ସରପଞ୍ଚ, ତେନ୍ତୁଳିଖୁଣ୍ଟି ଗ୍ରା.ପ ଉପସ୍ଥିତ ଥିଲେ।ସମ୍ମାନିତ ଅତିଥି ଭାବରେ ଲବ ପଧାନ ଯୋଗଦାନ କରିଥିଲେ। ଶ୍ରୀମତୀ ପ୍ରଜ୍ଞାନରାଣୀ ବାରିକ, ସ୍ୱାସ୍ଥ ବିଶେଷଜ୍ଞ, ମହାଶକ୍ତି ଫାଉଣ୍ଡେଶନ ତରଫରୁ ଯୋଗ ଦେଇ ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ତେନ୍ତୁଳିଖୁଣ୍ଟି ପଞ୍ଚାୟତରୁ ୭୦ ଜଣ ଗର୍ଭବତୀ ମା, ପ୍ରସୂତୀ, କିଶୋରୀ ବାଳିକା, ଅଙ୍ଗନବାଡ଼ି ଦିଦି, ଆଶା ଦିଦି ଯୋଗଦାନ କରିଥିଲେ। ଶ୍ରୀମତୀ ପ୍ରଜ୍ଞାନରାଣୀ ବାରିକ ଉପସ୍ଥିତ ଥିବା ଗର୍ଭବତୀ ମା, ପ୍ରସୂତୀ ମା, କିଶୋରୀ ବାଳିକାଙ୍କୁ ସୁଷମ ଖାଦ୍ୟ ଅଭ୍ୟାସ ଉପରେ ବିସ୍ତୃତ ଭାବରେ ବୁଝାଇ ଥିଲେ। ଧର୍ମ ସାଗର ପଧାନ, ବ୍ଲକ ସଂଯୋଜକ, ମହାଶକ୍ତି ଫାଉଣ୍ଡେଶନ, ଗୁଡଭେଲା ମଞ୍ଚ ପରିଚାଳନା ଓ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।

### ■ ପୁଇଁତଲା ବ୍ଲକ୍‌ସ୍ତରୀୟ ଓଷ୍ଟା ଶିଶୁମେଳା ଉଦ୍‌ଯାପିତ

## 'ଶିଶୁ ଦେଶର ଅମୂଲ୍ୟ ସମ୍ପଦ'



**ବଲାଙ୍ଗିର, ୧୮।୧୨(ସମିସ):** ପୁଇଁତଲା ବ୍ଲକ ଅନ୍ତର୍ଗତ ପଞ୍ଚାୟତ ହାଇସ୍କୁଲ ବୈରାସର (ଅର୍ଜୁଣ୍ଡା) ଠାରେ ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁ ମେଳା ଉଦ୍‌ଯାପିତ ହୋଇଯାଇଛି। ଓଷ୍ଟା ବ୍ଲକ ସଭାପତି ରୁଦ୍ରମଣି କର୍ମୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବକୁ ଅବସରପ୍ରାପ୍ତ ସହକାରୀ ଜିଲ୍ଲାପାଳ ବିଜ୍ଞାନ କୁମ୍ଭାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମେଳାକୁ ଉଦ୍‌ଘାଟନ କରି ଶିଶୁ ଦେଶର ଅମୂଲ୍ୟ ସମ୍ପଦ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ରାଜେନ୍ଦ୍ର ବିଜୟ ସାହୁ ଶିଶୁମାନଙ୍କର ସର୍ବବିଧ ଉନ୍ନତି ଉପରେ ଦେଶର ଉନ୍ନତି ନିର୍ଭର କରୁଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଡ.ବିଏନ ଶ୍ରୀକାନ୍ତ ଓ ଶିକ୍ଷାବିତ୍ ଅଶୋକ ମେହେର ମଞ୍ଚାସୀନ ଥିଲେ। ଓଷ୍ଟା ବ୍ଲକ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମେହେର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଆୟୋଜିତ ତର୍କ ପ୍ରତିଯୋଗିତାରେ ବର୍ଷା ମହାକୁର, ସାଧାରଣଜ୍ଞାନରେ ଶ୍ରଦ୍ଧା ମହଲା, କବିତା ରଚନାରେ ଗିରିସୁତା ଷାଣ୍ଢ, ଚିତ୍ରାଙ୍କନ ରେ ଆୟୁଷ ମେହେର, କୁଇଜରେ ତ୍ରିଶାମୟୀ ବାରିକ, ଏକକ ଅଭିନୟରେ ବର୍ଷା ମହକ୍ଷର, କଣ୍ଠ ସଙ୍ଗୀତରେ ତ୍ରିଶାମୟୀ ବାରିକ, ଏକକ ନୃତ୍ୟରେ ଶ୍ରୀୟା ବାରିକ, ଗଳ୍ପ ଲିଖନରେ ଆୟୁଷ ମେହେର, କବିତା ଆବୃତ୍ତିରେ ବର୍ଷା ମହାକୁର ପ୍ରଥମସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ଶିଶୁମେଳାରେ ଯୋଗଦେବେ ବୋଲି ସୂଚନା ପ୍ରଦାନ କରଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଓଷ୍ଟା ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ ମୁଖ୍ୟଅତିଥି, ପୂର୍ବତନ ଓଷ୍ଟା ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁଧାଂଶୁ ବାବୁ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ତାରାକାନ୍ତ ମିଶ୍ର ଯୋଗଦେଇ ସୁସ୍ଥ ନୈତିକ ସମାଜ ଗଠନ ପାଇଁ ଶିଶୁ ସମାଜକୁ ସଜାଡିବା ଉଚିତ ବୋଲି କହିଥିଲେ। ଉଭୟ ଅଧିବେଶନର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶିକ୍ଷକ ନାରାୟଣ ମିଶ୍ର।କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷାକର୍ମଚାରୀ, ଗ୍ରାମବାସୀ ସହଯୋଗ କରିଥିଲେ।

### ମାହେଶ୍ୱରୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## କଳାପଥରକୁ ହରାଇ ପଣ୍ଡିଆପାଲି ଚାମ୍ପିଅନ

**ବୀରମହାରାଜପୁର, ୧୮।୧୨(ସମିସ)**



ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ କାନପୁର ଖେଳପଡ଼ିଆରେ ହେଉଥିବା ମା' ମାହେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ କଳାପଥରକୁ ହରାଇ ପଣ୍ଡିଆପାଲି ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚ୍‌ଟି ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟ ଟି ଟି -୧୨ ଓ ଦ୍ୱିତୀୟ ଫର୍ମାଟ ଟି ୬-୬ ଓଭର ବିଶିଷ୍ଟ ମ୍ୟାଚ୍ ହୋଇଥିଲା। ପ୍ରଥମ ଫର୍ମାଟରେ କଳାପଥର ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୦୩ ରନ କରିଥିଲା। ଜବାବରେ ପଣ୍ଡିଆପାଲି ଦଳ ୧୦୪ ରନ୍ ସଂଗ୍ରହ କରିଥିଲେ। ଦ୍ୱିତୀୟ ଫର୍ମାଟରେ ପଣ୍ଡିଆପାଲି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୫୬ ରନ କରିଥିଲା। ଜବାବରେ କଳାପଥର ଦଳ ନିର୍ଦ୍ଧାରିତ ୬ ଓଭରରେ ୩୬ ରନ କରି ପରାସ୍ତ ହୋଇଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ପଣ୍ଡିଆପାଲି ଦଳ ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଏବଂ ସମ୍ମାନିତ ଅତିଥି ଭାବେ କ୍ରୀଡ଼ାବିତ ଧ୍ରୁବଚରଣ ବାଘ ଓ ଲକ୍ଷ୍ମଣ ବାଦୀ ପ୍ରମୁଖ ଯୋଗଦେଇଥିଲେ। ପଣ୍ଡିଆପାଲିର ପିଣ୍ଟୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଏବଂ ମନୋରଞ୍ଜନଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିଅନ ପଣ୍ଡିଆପାଲି ଦଳକୁ ନଗଦ ୧୦ ହଜାର ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା କଳାପଥର ଦଳକୁ ନଗଦ ୬ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚ୍‌କୁ ଭୀଷ୍ମ ବଗର୍ତ୍ତି ଓ ମୃତ୍ୟୁଞ୍ଜୟ ଭୋଇ ଅମ୍ପାୟାର ଭାବେ ପରିଚାଳନା କରିଥିବା ବେଳେ ଯୁଧିଷ୍ଠିର ବାଦୀ ସ୍କୋରିଙ୍ଗ ଏବଂ କବିରତ୍ନ ଖମାରୀ ଓ ବିନୋଦ ବେହେରା ଧାରାବିବରଣୀ ପ୍ରଦାନ କରିଥିଲେ।

## ତରବୋଡ଼ ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଘାଟିତ



**କୋମନା, ୧୮।୧୨(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ତରବୋଡ଼ସ୍ଥିତ ରାଜୀବଗାନ୍ଧୀ ମିନି ଷ୍ଟାଡିୟମରେ ମଙ୍ଗଳବାର ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଘାଟିତ ହୋଇଛି। କମିଟି ସଭାପତି ଅମିତ କୁମାର ଅହୀରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବରେ ଡ.ମାଧବ ସାହୁ, ଗ୍ରାମ୍ୟ ଝାଙ୍କର ଯୋଗେନ୍ଦ୍ର ନାୟକ, ଗଦାଧର ଗହୀର, ସାମ୍ବାଦିକ ସଞ୍ଜୀବ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ରଜନୀର ଖୋଲା ରଙ୍ଗମଞ୍ଚରେ ଇନ୍ଦୁମତୀଙ୍କ ସତୀତ୍ୱ ହରଣ ନାଟିକା ଓ ଦୁର୍ମିଳା ଅସୁର ବଧ ଲୋକଙ୍କୁ ଆକର୍ଷିତ କରିଥିଲା। ସେହିପରି ବୁଧବାର ଯାତ୍ରାର ଦ୍ୱିତୀୟ ସନ୍ଧ୍ୟାରେ ଦେବକୀ ବିବାହ, ଉଗ୍ରେସନଙ୍କ ଗାଦିଚ୍ୟୁତ, କଂସର ରାଜ୍ୟଭିଷେକ କାର୍ଯ୍ୟକ୍ରମ ହଜାର ହଜାର ଦର୍ଶକଙ୍କୁ ବିମୋହିତ କରିଥିଲା। ଯାତ୍ରାରେ ମୀନାବଜାର ଶିଶୁମାନଙ୍କ ପାଇଁ ବିଶେଷ ଆକର୍ଷଣୀୟ ହୋଇଥିବା ବେଳେ ଯାତ୍ରାରେ କଂସ ଭୂମିକାରେ ସୁସା ମେହେର କଂସ ଭୂମିକାରେ ଅଭିନୟ କରୁଥିବା କମିଟି ପକ୍ଷରୁ ସୂଚନା ମିଳିଛି। ମଞ୍ଚ ପରିଚାଳନା ଯାତ୍ରା ଉପ ସଭାପତି ଦୁଃଖଭଞ୍ଜନ ନାଏକ ବହନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀକାନ୍ତ ପ୍ରଧାନ, ନବୀନ ମହରା, କୋଷାଧ୍ୟକ୍ଷ ଶିବଶଙ୍କର ବେମାଲ ସହଯୋଗ କରିଥିଲେ।

## ଜନଶୁଣାଣି ଶିବିର

# ଆକ୍ସନ ଇସ୍ପାତ୍‌ର ସମ୍ପ୍ରସାରଣକୁ ସ୍ଥାନୀୟ ଲୋକଙ୍କ ବିରୋଧ



**ଝାରସୁଗୁଡ଼ା, ୧୮।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ମରାକୁଟାସ୍ଥିତ ଆକ୍ସନ ଇସ୍ପାତ କମ୍ପାନୀର ସମ୍ପ୍ରସାରଣକୁ ତୀବ୍ର ବିରୋଧ କରିଛନ୍ତି ସ୍ଥାନୀୟ ଲୋକେ। ଉକ୍ତ କମ୍ପାନୀର ସମ୍ପ୍ରସାରଣ ପାଇଁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ସର୍ବସାଧାରଣ ଜନଶୁଣାଣି ଶିବିର ମରାକୁଟାରେ ଅନୁଷ୍ଠିତ ହୋଇଥିବାବେଳେ ଉକ୍ତ ସମ୍ପ୍ରସାରଣକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଉକ୍ତ କମ୍ପାନୀ ନିଜର ଷ୍ଟିଲ୍ ପ୍ଲାଣ୍ଟ ୦.୫ ଏମ୍‌ଟିପିଏ କୁ ୭.୭୫ ଏମ୍‌ଟିପିଏ ଫିନିସ୍‌ଡ ଷ୍ଟିଲ କମ୍ପାନୀ କରିବାକୁ ଯୋଜନା ରଖିଛି। ଏଥିପାଇଁ ବୁଧବାର ମରାକୁଟାରେ ସର୍ବସାଧାରଣ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଅଧିକାରୀ ଏବଂ କମ୍ପାନୀ କର୍ତ୍ତୃପକ୍ଷ ଭିତରେ ବସିଥିବାବେଳେ ସ୍ଥାନୀୟ ଲୋକଙ୍କୁ ତାର ଜାଲି ବାହାରେ ବସାଇ ଦିଆଯାଇଥିଲା। ଯେଉଁ ଲୋକଙ୍କ ଜଳ, ଜମି ଓ ଜଙ୍ଗଲ ସବୁ ନେଲା ପରେ କମ୍ପାନୀ ସମ୍ପ୍ରସାରଣ ହେବ, ସେହି ଲୋକମାନଙ୍କୁ ଏବେଠୁ ବାହାରେ ବସାଇ ଦିଆଯାଉଛି ଆଗକୁ କଣ ନ ହେବ ବୋଲି ଲୋକେ ଶିବିରରେ ପ୍ରଶ୍ନ କରିଛନ୍ତି। ଏହା ଦ୍ୱାରା ପର୍ଯ୍ୟବରଣ ନଷ୍ଟ ହେବ ବୋଲି ମଧ୍ୟ ଅଞ୍ଚଳବାସୀ ଶିବିରରେ ମତପ୍ରକାଶ କରିଛନ୍ତି। କମ୍ପାନୀ ସମ୍ପ୍ରସାରଣ ହେଲେ ଝାରସୁଗୁଡ଼ା ତହସିଲ ଅଧୀନ ବେହେରାପାଲି, ବୁଡ଼ିପଦର, ଏକାତାଲି, ମରାକୁଟା, ପଣ୍ଡ୍ରିପଥର, ସିଂଘାବଗା, କୁକୁରଜଙ୍ଘା, ଜମେରା, ହଂସାମୁରା କଟାପାଲି ଆଦି ଅଞ୍ଚଳବାସୀ ପ୍ରଭାବିତ ଏବଂ କ୍ଷତିଗ୍ରସ୍ତ ହେବେ। ଲୋକେ କମ୍ପାନୀ ପାଇଁ ନିଜର ଘରବାଡ଼ି, ଜମି ହରାଇ ସର୍ବସ୍ୱାନ୍ତ ହେବେ ଏବଂ କମ୍ପାନୀ ସେହି ଲୋକଙ୍କୁ ନିଯୁକ୍ତି କ୍ଷତିପୂରଣ ପାଇଁ ବାରମ୍ବାର ଦୌଡ଼ାଇବ ବୋଲି ସ୍ଥାନୀୟ ଲୋକେ ମତପ୍ରକାଶ କରିବାସହ ଶିବିରରେ ତୀବ୍ର ବିରୋଧ କରିଛନ୍ତି। ତେଣୁ ଏହି ସମ୍ପ୍ରସାରଣକୁ ବାତିଲ କରାଯାଉ ବୋଲି ଲୋକେ ଦାବି କରିଥିବାବେଳେ କିଛି ଲୋକ କମ୍ପାନୀ ସାମ୍ପ୍ରସାରଣ ସପକ୍ଷରେ ନିଜ ମତ ରଖିଥିଲେ। ଅନୁଷ୍ଠିତ ହୋଇଥିବା ସର୍ବସାଧାରଣ ଜନଶୁଣାଣି ଶିବିରରେ ପ୍ରଶାସନ ପକ୍ଷରୁ ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଆଞ୍ଚଳିକ ପରିବେଶ ନିୟନ୍ତ୍ରଣ ଅଧିକାରୀ ହିରଣ୍ୟକ କୁମାର ନାୟକ ଓ ତହସିଲଦାର ସଦାକର କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।

## କାରାରକ୍ଷୀ ଯତୀନ୍ଦ୍ରଙ୍କୁ ଡିଜି ଡିସ୍କ, ନିତ୍ୟାନନ୍ଦ ଓ ସୁରେଶଙ୍କୁ କମେଣ୍ଡସନ୍ ଆୱାର୍ଡ

**ଦେବଗଡ଼, ୧୮।୧୨(ସମିସ):** ଓଡ଼ିଶା କାରାଗାର ପ୍ରତିଷ୍ଠା ଦିବସ ଅବସରରେ ଚଳିତ ବର୍ଷ ପାଇଁ ଡିଜି ଡିସ୍କ ଓ କମେଣ୍ଡସନ ପୁରସ୍କାର ବିତରଣ ଉତ୍ସବ ଭୁବନେଶ୍ୱର ଛତାବରସ୍ଥିତ ମହାତ୍ମାଗାନ୍ଧୀ କାରାଗାର ଓ ସଂସ୍କାର ସେବା ଏକାଡେମୀରେ ଆୟୋଜିତ ହୋଇଯାଇଛି। କାରା ପରିଚାଳନା ଓ ଅନ୍ତେବାସୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ଓ ଅନ୍ତେବାସୀଙ୍କ ସୁଧାର ପାଇଁ ଉଲ୍ଲେଖନୀୟ ସେବା ପ୍ରଦର୍ଶନ କରିଥିବାରୁ ଓଡ଼ିଶାର ବିଭିନ୍ନ କାରାଗାରର ଅଧିକାରୀ ଓ କର୍ମଚାରୀଙ୍କୁ ଡିଜି ଡିସ୍କ ଓ କମଣ୍ଡେସନ ଆୱାର୍ଡ ପ୍ରଦାନ କରାଯାଇଛି। ଏହି କାରାଗାର ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଓଡ଼ିଶା କାରାଗାର ମହାନିର୍ଦ୍ଦେଶକ ଓ ସଂସ୍କାର ସେବା ଅତିରିକ୍ତ ମହାନିର୍ଦ୍ଦେଶକ ଲୁକାସ ପ୍ରଧାନ, ମହାତ୍ମାଗାନ୍ଧୀ କାରାଗାର ଓ ସଂସ୍କାର ସେବା ଏକାଡେମୀର ନିର୍ଦ୍ଦେଶକ ତଥା ଡିଆଇଜି ମୁଖ୍ୟାଳୟ ଗରିବ ସାହୁ ଓ ସହ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ସେହିପରି ଚଳିତ ବର୍ଷ ଉଲ୍ଲେଖନୀୟ ସେବା ପ୍ରଦର୍ଶନ ପାଇଁ ଦେବଗଡ଼ ସ୍ୱତନ୍ତ୍ର ଉପ-କାରାଗାରର କାରାରକ୍ଷୀ ଯତୀନ୍ଦ୍ର କୁମାରଙ୍କୁ ଡିଜି ଡିସ୍କ ଆୱାର୍ଡ ଓ କାରାରକ୍ଷୀ ନିତ୍ୟାନନ୍ଦ କର୍ଣ୍ଣ ଓ ସୁରେଶ କୁମାର ମେହେରଙ୍କୁ ଆୱାର୍ଡ ଅଫ କମେଣ୍ଡସନ ରୋଲ ପ୍ରଦାନ କରାଯାଇଛି।

## ଜିଲ୍ଲା ହକି ମହାକୁମ୍ଭ ସପ୍ତାହ ଉଦ୍‌ଯାପିତ

# ଯାନ୍ତ୍ରିକ ବିଦ୍ୟାଳୟ ସିନିୟର ବାଳକ ଟିମ୍ ଚାମ୍ପିଅନ




**ଝାରସୁଗୁଡ଼ା, ୧୮।୧୨(ସମିସ):** ଜାତୀୟ ଖେଳ ହକିକୁ ଜିଲ୍ଲାରେ ଲୋକପ୍ରିୟ କରିବା ପାଇଁ ଜିଲ୍ଲା ହକି ଆସୋସିଏସନ ଓ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଝାରସୁଗୁଡ଼ା ହକି ମହାକୁମ୍ଭ ସପ୍ତାହ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲାରେ ସବ୍-ଜୁନିୟର, ଜୁନିୟର, ସିନିୟର ସ୍କୁଲ ଓ କଲେଜସ୍ତରୀୟ ବାଳକ ଏବଂ ବାଳିକା ଆନ୍ତଃସ୍କୁଲ ହକି ପ୍ରତିଯୋଗିତା ଡିସେମ୍ବର ୧୨ ତାରିଖରୁ ଆରମ୍ଭ ହୋଇଥିଲା। ପ୍ରତିଯୋଗିତାରେ ୭୦୦ରୁ ଅଧିକ ଖେଳାଳି ବିଭିନ୍ନ ଦଳ ପକ୍ଷରୁ ଅଂଶଗ୍ରହଣ କରିଥିଲେ। ଶେଷ ଦିନରେ ୫ଟି ମ୍ୟାଚ୍ ସିନିୟର ଦଳ ମଧ୍ୟରେ ସକାଳ ୧୦ଟାରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚ୍ ଏଲ୍.ଏନ୍ କଲେଜ ଝାରସୁଗୁଡ଼ା ଓ ପିକେଏସଏସ ଜୁନିୟର କଲେଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳକୁ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଖେଳାଳିମାନଙ୍କ ସହିତ ପରିଚିତ ହୋଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାକ୍ରୀଡ଼ା ସଂଘର ସମ୍ପାଦକ ତାପସ ରାୟ ଚୌଧୁରୀ, ବିଜୟ ବେହେରା, ଜିଲ୍ଲାକ୍ରୀଡ଼ା ସଂଘର ଉପ-ସଭାପତି ବ୍ରିଜେଶ ଶର୍ମା, ସହସମ୍ପାଦକ ସୋନୁ ରୋନାଡ ଯୋଗଦେଇଥିଲେ। ଅପରାହ୍ନ ୩ଟାରେ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ରାଧାକାନ୍ତ ଗଡ଼ତିଆ ଓ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଦିପ୍ତ ସା ଯୋଗଦେଇଥିଲେ। ଫାଇନାଲ ମ୍ୟାଚ୍ ଯାନ୍ତ୍ରିକ ବିଦ୍ୟାଳୟ ଝାରସୁଗୁଡ଼ା ଓ ପିକେଏସଏସ ଜୁନିୟର କଲେଜ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମ ଭାଗରେ ଯାନ୍ତ୍ରିକ ବିଦ୍ୟାଳୟ ଝାରସୁଗୁଡ଼ା ଟିମ୍ ୪ଟି ଗୋଲ ଦେଇ ଆଗୁଆ ରହିଥିଲେ। ୨ୟ ଭାଗରେ ପିକେଏସଏସ ଜୁନିୟର କଲେଜ ଟିମ୍ ଏକ ମାତ୍ର ଗୋଲ୍ କରିବାରେ ସଫଳ ହୋଇଥିଲେ। ଶେଷରେ ୪-୧ ଗୋଲରେ ଯାନ୍ତ୍ରିକ ବିଦ୍ୟାଳୟ ଝାରସୁଗୁଡା ସିନିୟର ବାଳକ ଟିମ୍ ୨୦୨୪ ବର୍ଷର ଚାମ୍ପିଅନ ହୋଇଛିଲା।
ଉତ୍କଳ ପ୍ରାଦେଶିକ ମାରୁଆଡି ସମ୍ମିଳନର ସଭାପତି ନଭଲ ଅଗ୍ରୱାଲଙ୍କ ଠାରୁ ଚାମ୍ପିଅନ ଟିମ୍ ଟ୍ରଫି ଗହଣ କରିଥିଲେ। ସମ୍ମାନିତ ଅତିଥି ଅର୍ଜ୍ଜୁନ ମୋର ପିକେଏସଏସ ଜୁନିୟର କଲେଜକୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ହକି ଆସୋସିଏସନ ଓଡ଼ିଶାର ଉପ-ସଭାପତି ଜୀବନ ମହାନ୍ତି ଖେଳଗୁଡ଼ିକୁ ଶିକ୍ଷା ବିଭାଗ ସହଯୋଗ କରିଥିବାରୁ ଏହା ସଫଳ ହୋଇଥିବା ପ୍ରକାଶ କରିଥିଲେ। ଶେଷରେ ଜିଲ୍ଲା ହକି ଆସୋସିଏସନର ବରିଷ୍ଠ ସଦସ୍ୟ ପ୍ରଚ୍ଛଳ କୁମାର ପଟେଲ ଜିଲ୍ଲା ହକି ଆସୋସିଏସନର ଅଶ୍ୱନୀ ପାଣ୍ଡେ ଓ ସୁଶାନ୍ତ ବେହେରା ପ୍ରଭୃତି ସହଯୋଗ କରିଥିବାରୁ ଧନ୍ୟବାଦ ପ୍ରଦାନ କରିଥିଲେ। ଖେଳଗୁଡ଼ିକୁ ସୁଜିତ ଲାକ୍ରା, ଶକୁନ ନାୟକ, ପ୍ରଫୁଲ କୁଲୁ ଓ ସଙ୍ଗିତା ରୋଜ କୁଲୁ ପରିଚାଳନା କରିଥିଲେ।

## ପୁଲିସ ଗାଡ଼ି ଧକ୍କାରେ ବୃଦ୍ଧ ଆହତ



**ଝାରସୁଗୁଡ଼ା, ୧୮।୧୨(ସମିସ):** ଝାରସୁଗୁଡା ବିଟିଏମ ଛକରେ ପୁଲିସ ଗାଡ଼ି ଧକ୍କାରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ବୃଦ୍ଧ ଜଣକ ସଦର ଥାନା ଅନ୍ତର୍ଗତ ଓରାମ ପଡ଼ାର ମନୁ ଓରାମ(୬୦) ବୋଲି ଜଣାପଡ଼ିଛି।ବୁଧବାର ଅପରାହ୍ନରେ ମନୁ ଘରୁ ସାଇକଲରେ ବିଟିଏମ ଛକ ନିକଟକୁ ଆସୁଥିବା ବେଳେ ପୁଲିସ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ପୁଲିସ ଗୁରୁତର ମନୁଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ନିଜ ମୁଣ୍ଡରୁ ଦୋଷ ଛଡାଇବା ପାଇଁ ମଦ୍ୟପ ବୃଦ୍ଧ କହି ସେଠାରେ ଛାଡ଼ିଦେଇଥିଲା। କିନ୍ତୁ ବୃଦ୍ଧ ଜଣକ ମଦ୍ୟପାନ କରିନଥିବା ପରେ ଜଣାପଡ଼ିବା ସହ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଅଧିକ ଗୁରୁତର ହେବାରୁ ଅଧିକ ଚିକିତ୍ସା ନିମନ୍ତେ ବୁର୍ଲା ଡାକ୍ତରଖାନାକୁ ପଠାଯାଇଛି। ଅନ୍ୟପଟେ ପୁଲିସ ଗାଡ଼ି ଚଳାଉ ଥିବା ଡ୍ରାଇଭର୍ ମଦ୍ୟପାନ କରି ଗାଡ଼ି ଚଳାଇ ଦୁର୍ଘଟଣା ଘଟାଇଥିବା ମନୁଙ୍କ ପରିବାର ଲୋକେ ଏବଂ ସ୍ଥାନୀୟ ଲୋକେ ଅଭିଯୋଗ କରି ରାସ୍ତା ରୋକ କରିଥିଲେ। ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ବିରୋଧରେ ଲୋକେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିବା ବେଳେ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣା ସ୍ଥଳରେ ଏସଡ଼ିପିଓ ଉମାଶଙ୍କର ସିଂହ, ସଦର ଥାନା ଥାନାଧିକାରୀ ଉପସ୍ଥିତ ରହି ଲୋକଙ୍କୁ ବୁଝାସୁଝା କରିଥିଲେ।

## ତୈଳବୀଜ ତାଲିମ ଶିବିର

**ଝାରସୁଗୁଡ଼ା, ୧୮।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର କୃଷକମାନଙ୍କୁ ନେଇ ଦ୍ୱିଦିବସିୟ ତୈଳବୀଜ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ତୈଳବୀଜ ଫସଲ ଚାଷ କରି କୃଷକମାନେ କିପରି ଅଧିକ ଲାଭବାନ ହୋଇପାରିବେ ସେନେଇ କୃଷି ବିଶେଷଜ୍ଞମାନେ ତାଲିମ ପ୍ରଦାନ କରିଥିଲେ। କୃଷକମାନେ ତାଲିମ ଗ୍ରହଣ କରିବା ସହିତ ଉନ୍ନତ କୃଷି ପ୍ରଣାଳୀରେ ତୈଳବୀଜ ଚାଷ କରି କିପରି ଅଧିକରୁ ଅଧିକ ଅମଳ କରିପାରିବେ ଏବଂ ସ୍ୱାବଲମ୍ବୀ ହୋଇପାରିବେ ତାହା ଶିବିରର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଶିବିରରେ କୋଲାବିରା କୃଷି ଉନ୍ନୟନ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ହେମନ୍ତ ପଟେଲ, ଝାରସୁଗୁଡ଼ା ବ୍ଲକ କୃଷି ଉନ୍ନୟନ ଅଧିକାରୀ ଅମୃତ ଲୁଗୁନ, ଜିଲ୍ଲା କୃଷି ଉନ୍ନୟନ ଅଧିକାରୀ ଲିଙ୍ଗରାଜ ପ୍ରଧାନ, ସୀମା ଟେଟେ ଓ ସତ୍ୟବତୀ ମେହେର ପ୍ରମୁଖ ଉପସ୍ଥିତଥିଲେ।

## ଇଜେଭି ଫାଉଣ୍ଡେସନ ପକ୍ଷରୁ କମ୍ବଳ ବଣ୍ଟନ



**ଝାରସୁଗୁଡ଼ା, ୧୮।୧୨(ସମିସ):** ଇଜେଭି ଫାଉଣ୍ଡେସନ ପକ୍ଷରୁ ପୂରନାବସ୍ତିସ୍ଥିତ ଓରାମପଡ଼ାରେ ଅସହାୟ ଓ ବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଇଜେଭି ପକ୍ଷରୁ ଆଶା ଦିଦି ରୀନା ସାଙ୍କ ନେତୃତ୍ୱରେ ଉକ୍ତ ଅଞ୍ଚଳରେ ଏକ ବୈଠକ ହୋଇଥିଲା। କାର୍ଯ୍ୟକ୍ରମରେ ଇଜେଭି ଫାଉଣ୍ଡେସନର ଗଙ୍ଗାଧର ମେହେର, ମାନସୀ ପଣ୍ଡା, ପ୍ରିୟା ରାୟ, ପୂନମ ପଟେଲ, ସୋଭନା ସୋହେଲା ଓ ଦୀପ୍ତି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁମନ୍ଦିରର ବାର୍ଷିକ ଉତ୍ସବ

**ଦେବଗଡ଼, ୧୮।୧୨(ସମିସ):** ବାରକୋଟ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ କଂସର ଏକଲବ୍ୟ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଡ.ବିନୀତା ମହାପାତ୍ର, ସମ୍ମାନିତ ଅତିଥିଭାବେ ବାରକୋଟ ପଞ୍ଚାୟତ ସମିତି ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ପରିଚାଳନା କମିଟିର ସଭାପତି ହରିହର ସାହୁ ଯୋଗଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଟଙ୍କଧର ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ପରାସର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ୱରୁପାରାଣୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପ୍ରମୁଖ ସହଯୋଗ କରିଥିଲେ।




## ଭୋଳାନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ରିଆମାଳ, ୧୮।୧୨(ସମିସ):** ରିଆମାଳ ବ୍ଲକ ରେଙ୍ଗାଳବେଡ଼ା ଖେଳପଡ଼ିଆରେ ଭୋଳାନାଥ ସ୍ପୋର୍ଟ୍ସ କ୍ଲବ୍ ଦ୍ୱାରା ଆୟୋଜିତ ୧୪ତମ ଭୋଳାନାଥ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ତାବଡା ସମବାୟ ସମିତିର ସଭାପତି ଶରତ କୁମାର ସାହୁ, ଯୁବ ନେତା ମାନସ ନାଥ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦଘାଟନୀ ମ୍ୟାଚ୍ ତେନ୍ତଳାବାହାଳ ଓ ତାଳକୁଣ୍ଡି କ୍ରିକେଟ ଦଳ ମଧ୍ୟରେ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଧଉରାଗୋଠ ଓ ପାଇକନଗର ମଧ୍ୟରେ ଖେଳା ଯାଇଥିଲା। ଉକ୍ତ ୨ଟି ମ୍ୟାଚରେ ତାଳକୁଣ୍ଡି ଓ ଧଉରାଗୋଠ ବିଜୟୀ ହୋଇଥିଲେ। ଅମ୍ପାୟାର ଭାବେ ସୁଦାନ ବିଶ୍ୱାଳ, ସୁଜିତ କୁମାର ଭୁକ୍ତା ଖେଳ ପରିଚାଳନା କରିଥିଲେ।କ୍ଲବ ସଭାପତି ସୁଜିତ କୁମାର ଭୁକ୍ତା, ଉପସଭାପତି ଗତିକୃଷ୍ଣ ପଣ୍ଡା, ସମ୍ପାଦକ ଚିତ୍ତରଞ୍ଜନ ସାହୁ, ସହ ସମ୍ପାଦକ ଗୌରାଙ୍ଗ ବାଘ, କୋଷାଧ୍ୟକ୍ଷ ରବୀନ୍ଦ୍ର ଟେକ୍ରିୱାଲା, ଏଡିଟର ବରୁଣ ଚନ୍ଦ୍ର ମେହେଣା, ଶ୍ରୀକୃଷ୍ଣ ମିଶ୍ର, ଦେବପ୍ରସାଦ ପ୍ରଧାନ, ଅମିୟ ରଞ୍ଜନ ସ୍ୱାଇଁ, ସୁଗମ ତରିଆ, ମୋନଜ ବାଘ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବନୀକରଣ ପାଇଁ ଓପିଜିସି ପୁରସ୍କୃତ




**ଇବଥର୍ମାଲ, ୧୮।୧୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ବନହରପାଲିସ୍ଥିତ ଓପିଜିସି ଇବ୍ ତାପଜ ବିଦ୍ୟୁତ କେନ୍ଦ୍ର ଚଳିତ ବର୍ଷ ଚାରାରୋପଣ ଓ ବନୀକରଣରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ମାନପତ୍ର ପ୍ରଦାନ ପୂର୍ବକ ଓପିଜିସିକୁ ସମ୍ମାନିତ କରାଯାଇଛି। ଜିଲ୍ଲାପାଳ ଅବୋଲି ସୁନୀଲ ନରୱାଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓପିଜିସି ସିନିୟର ମ୍ୟାନେଜର ପରିବେଶ ପାର୍ଥସାରଥୀ ପଣ୍ଡା ଏହି ସମ୍ମାନ ଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରୀପାଠୀ ଯୋଗଦେଇ ଓପିଜିସି ପକ୍ଷରୁ କରାଯାଇଥିବା ବନୀକରଣ ଓ ଚାରାରୋପଣର ଗୁରୁତ୍ୱ ଉପରେ ତାଙ୍କ ବକ୍ତବ୍ୟ ରଖିଥିଲେ। ସୂଚନା ଯୋଗ୍ୟ ଯେ, ଓପିଜିସି ୨୦୨୪ ପର୍ଯ୍ୟନ୍ତ ୩୪.୮୬ ପ୍ରତିଶତ ଗ୍ରୀନବେଲ୍ଟ ସୃଷ୍ଟି କରିସାରିଛି। ମୋଟ ୧୨୨୭.୩୯ ଏକର ଜମି ମଧ୍ୟରୁ ୪୨୭.୯ ଏକର ଜମିରେ କରାଯାଇଛି। ୪୭୦୦ ଚାରାରୋପଣ କରାଯାଇଛି ଯେଉଁଥିରୁ ୨୦୦୦ ଗଛ ପ୍ଲାଣ୍ଟ ବାହାରେ ସହରେଇପଡ଼ା, ଛତାରମା ଗ୍ରାମ ଅଞ୍ଚଳରେ ଲଗାଯାଇ ଶହେ ପ୍ରତିଶତ ଗଛ ସୁରକ୍ଷିତ ରଖାଯାଇ ପାରିଛି। ଅନ୍ୟମାନଙ୍କ ମଧ୍ୟରେ ଝାରସୁଗୁଡ଼ା ଡିଏଫଓ ମାନ୍ନୁ ଅଶୋକ ଭଟ୍ଟ, ଏଡିଏମ୍ ବ୍ରଜବନ୍ଧୁ ଭୋଇ, ତହସିଲଦାର ସଦାକର କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ







**ଦେବଗଡ଼, ୧୮।୧୨(ସମିସ):** ବାରକୋଟ ବ୍ଲକ ଗୌଡସୁଗୁଡ଼ା ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭୁବନେଶ୍ୱର ଦେହୁରୀଙ୍କ ସଭାପତିତ୍ୱରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ଟିକେଶ୍ୱର ସାହୁ ଯୋଗଦେଇ ଶିକ୍ଷା ସହ କ୍ରୀଡ଼ାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଦୟାନିଧି ସାହୁ ମଞ୍ଚାସୀନ ରହିଥିଲେ। ଜୁନିୟର ବାଳକ ଓ ବାଳିକା ଓ ସିନିୟର ବାଳକ ଓ ବାଳିକା ବିଭାଗରେ ଦଶଟି ଲେଖାଏଁ କ୍ରୀଡ଼ା ପ୍ରତିଯୋଗିତା କରାଯାଇଥିଲା। କନିଷ୍ଠ ବାଳିକା ବିଭାଗରେ ଶ୍ରାବଣୀ ସାହୁ ଚାମ୍ପିଅନ ହୋଇଥିବା ବେଳେ ବାଳକ ବିଭାଗରେ ସୁବ୍ରତ ପ୍ରଧାନ ଚାମ୍ପିଅନ ହୋଇଥିଲେ। ବରିଷ୍ଠ ବାଳକ ବିଭାଗରେ ରାକେଶ କିଷାନ ଚାମ୍ପିଅନ ଓ ବାଳିକା ବିଭାଗରେ ସ୍ମୃତି ପେଣ୍ଟେଇ ଚାମ୍ପିଅନ ହୋଇଥିଲେ। ମୁଖ୍ୟଅତିଥିଙ୍କ ଦ୍ୱାରା ଚାମ୍ପିଅନ୍ ଖେଳାଳିଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନପୂର୍ବକ କରି ପୁରସ୍କୃତ କରିଥିଲେ। ସେହିପରି ୨୦୨୩-୨୪ ମସିହାର ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର କିରଣକାନ୍ତ ବେହେରା ଓ ରାଜ୍ୟ ସୁରଭି ଉତ୍ସବ-୨୦୨୪ରେ ସୃଜନଶୀଳ ଲିଖନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ କୁମାରୀ ପ୍ରିୟଦର୍ଶିନୀ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ପୁଲୀନ କୁମାର ସାହୁ, ମାନସ ସାହୁ, ସନ୍ତୋଷ ସାହୁ, ଗାୟତ୍ରୀ ରଣଜିତ୍, ମୀରାବାଈ ବେହେରା, ବୈକୁଣ୍ଠ କିସାନ, ଜିତେନ୍ଦ୍ର ଧଳ, ସଞ୍ଜିବ ବାର୍ଲା, ଗୁରୁଚରଣ ନେତ୍ରୁର, ଯଶୋବନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଦୟାନିଧି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଇବଥର୍ମାଲ:** ଲଖନପୁର ବ୍ଲକ ବନ୍ଧବାହାଲସ୍ଥିତ ବନ୍ଧବାହାଲ ଉଚ୍ଚବିଦ୍ୟାଳୟରେ ଦୁଇଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ସଞ୍ଜୟ କୁମାର ଝା ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପିଲାଙ୍କ ଦ୍ୱାରା ମଶାଲ ଆଣି ମୁଖ୍ୟ ଅତିଥିଙ୍କୁ ଅର୍ପଣ କଲାପରେ ସଭା ଆରମ୍ଭ ହୋଇଥିଲା। ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ ଭଳି ମୋଟ ୧୦ଟି ବିଭିନ୍ନ ପ୍ରତିଯୋଗିତାରେ ସ୍କୁଲର ୧୧୦ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଅତିଥିଙ୍କ ସମ୍ମୁଖରେ ପୁଅମାନଙ୍କ ସ୍ଲୋ ସାଇକେଲ ରେସ୍ ଓ ଝିଅମାନଙ୍କର ରସି ଡିଆଁ ପ୍ରତିଯୋଗିତା କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ପ୍ରେମାନନ୍ଦ ସାହୁ, ବିଧାୟକ ପ୍ରତିନିଧି କୃଷ୍ଣଚନ୍ଦ୍ର ସିଂହ ଓ ସ୍କୁଲର ପୁରାତନ ଶିକ୍ଷକ ଉମାକାନ୍ତ ପଣ୍ଡା ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ସନ୍ତୋଷ ବଳିୟାର ସିଂହଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ରବୀନ୍ଦ୍ର ସା, ଶିକ୍ଷୟିତ୍ରୀ ପ୍ରଣତି ପଣ୍ଡା, ନିରଞ୍ଜନ ପତି ଓ ଭୀଷ୍ମଦେବ ପାତ୍ର ଖେଳ ପରିଚାଳନା କରିଥିଲେ। ଗୁରୁବାର ଖେଳର ଦ୍ୱୀତୀୟ ଦିବସ ପ୍ରତିଯୋଗିତା ଅନୁଷ୍ଠିତ ହେବ।

**ଝାରସୁଗୁଡ଼ା:** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକସ୍ଥିତ ବିପିଏମ ଉଚ୍ଚବିଦ୍ୟାଳୟ ଭଇଁରଖୋଲରେ ୪୯ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ସଟପୁଟ, ଡିସକସ ଥ୍ରୋ, କବାଡ଼ି ଓ ଖୋଖୋ ପରି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଛି। ଏହି କ୍ରୀଡ଼ା ଉତ୍ସବରେ ସଫଳତା ଆଣିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ପ୍ରଧାନଶିକ୍ଷକ ଜୟନାରାୟଣ ପଣ୍ଡା ପତାକା ଦେଖାଇ ଖେଳ ପ୍ରତିଯୋଗିତା ଉଦ୍‌ଘାଟନ କରିଥିବାବେଳେ ଖେଳ ଶିକ୍ଷୟିତ୍ରୀ ସୁମିତା ସେଟ ଖେଳ ପରିଚାଳନା କରିଥିଲେ। ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ପର୍ଶୁରାମ ସା, ହେମକାନ୍ତି ବାରିକ, ସରୋଜ ପ୍ରଧାନ, ସିସିମା ବିଶ୍ୱଳ, ଦ୍ରୋପଦି ଖିଲେଇ, ରମାକାନ୍ତ ଧୃରୁଆ, ବୁଇ ସା ଓ ଭୁଜ ନନ୍ଦୀନି କଉଡ଼ି ପ୍ରମୁଖଙ୍କ ସହ ବିଦ୍ୟାଳୟ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ କ୍ରୀଡ଼ା ଭାବନା ଜାଗୃତ କରି ଭଲ ପାଠପଢ଼ିବା ସହ ଜଣେ ସଫଳ କ୍ରୀଡ଼ାବିତ ହେବା ପାଇଁ ଚେଷ୍ଟା କାରିବାକୁ ଆହ୍ୱାନ ଦିଆଯାଇଛି।

ଫୁଲକୁସମରେ ହାତୀ ଉପଦ୍ରବ

# ଦଳିଚକଟି ଉଜାଡୁଛନ୍ତି ଧାନ ଫସଲ



**ଜମନକିରା, ୧୮ ।୧୨(ସମିସ):** ହାତୀ ଉପଦ୍ରବରୁ ନିସ୍ତାର ପାଉନାହାନ୍ତି ଚାଷୀ। ହାତୀ ଉପଦ୍ରବ ଦିନକୁ ଦିନ ବଢ଼ି ବଢ଼ି ଚାଲିଛି। ହାତୀ ଫସଲ କମ ଖାଉଥିବା ବେଳେ ଅଧିକ ନଷ୍ଟ କରୁଛନ୍ତି। ବନବିଭାଗ ସମସ୍ତ ପ୍ରକାର ପ୍ରଚେଷ୍ଟା କରୁଥିଲେ ମଧ୍ୟ ସଞ୍ଜ ନଇଁଲେ ମାଡି ଆସୁଛନ୍ତି ହାତୀପଲ। ଜମନକିରା ରେଞ୍ଜ ଫୁଲକୁସମ ଗ୍ରାମରେ ଅଞ୍ଚଳରେ ଦୁଇ ଦିନ ମଧ୍ୟରେ ସର୍ବାଧିକ ଫସଲ ନଷ୍ଟ କରିଛନ୍ତି। ରାତିରେ ଫୁଲକୁସମ ଗ୍ରାମର କଳାକର ବାଗଡିଙ୍କ ୩ ଏକର ଯମୁନା ଧାନ ଖରିକୁ ସମ୍ପୂର୍ଣ୍ଣ ଖାଇବା ସହିତ ଅନେକ କଟାଧାନ ଦଳିଚକଟି ନଷ୍ଟ କରିଛନ୍ତି। ନିଆଣ୍ଟିଆ ବର୍ଷା ଯୋଗୁଁ ଖରିଫ ଧାନ କାମ ଅମଳ ହୋଇଥିବା ବେଳେ ଜମିରେ କଷ୍ଟ ଅର୍ଜିତ ଫସଲକୁ ଆଖି ଆଗରେ ହାତୀପଲ ଖାଇବା ସହ ଦଳିଚକଟି ଉଜାଡି ଦେଉଛନ୍ତି। ଯାହାକୁ ଦେଖି ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି।

ହେଲ୍‌ମେଟ୍ ଚେକିଂରେ ବ୍ୟସ୍ତ ଟ୍ରାଫିକ୍ ପୁଲିସ

# ମନଇଛା ପାର୍କିଂ, ଜାମ୍‌ରେ ଫସୁଛି ଗାଡ଼ି

**ସମ୍ବଲପୁର, ୧୮ ।୧୨(ସମିସ)**

ଯିଏ ଯେଉଁଠି ପାରୁଛି ଗାଡ଼ି ରଖି ଦେଉଛି। ସେଥିପାଇଁ ସମ୍ବଲପୁର ସହରରେ ସବୁବେଳେ ଜାମ ପରିସ୍ଥିତି ଲାଗି ରହୁଛି। ଏତେ ମାତ୍ରାରେ ଗାଡ଼ି ଅଟକି ରହୁଛି ଯେ ଟ୍ରାଫିକ୍ କର୍ମଚାରୀ ଥାଇ ମଧ୍ୟ କିଛି କରି ପାରୁନାହିନ୍ତି। ପୁଲିସ ସବୁବେଳେ ହେଲମେଟ ଚେକିଂ ପ୍ରତି ଧ୍ୟାନ ଦେଉଛି। କିନ୍ତୁ ମନ ଇଛା ପାର୍କିଂ କରୁଥିବା ଗାଡ଼ି ମାଲିକଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି। ଗୋଲବଜାର ଠାରୁ ଆରମ୍ଭ କରି ଅଇଁଠା ପାଲି ଯାଏ ସବୁଠି କିଛି ଅମାନିଆ ଗାଡ଼ି ପାର୍କିଂ କରୁଛନ୍ତି। ଅମାନିଆଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ଏପରି ସ୍ଥିତ ସବୁବେଳେ ଉପୁଜୁଛି। ପ୍ରକାଶ ଥାଉକି ଜାତୀୟ ରାଜପଥ ୫୩ ସହରର ଅଇଁଠାପାଲି, ରେମେଡ ବୁର୍ଲା ଛକ ଆଦିକୁ ସଂଯୋଗ କରୁଛି। ସହର ଭିତରେ ମୁଖ୍ୟତଃ ଅଇଁଠାପାଲିରୁ ରେମେଡ ଛକ ପର୍ଯ୍ୟନ୍ତ ଲୋକଙ୍କ ସୁବିଧା ପାଇଁ ଉଭୟ ପାର୍ଶ୍ୱରେ ସର୍ଭିସ ରୋଡ଼ ତିଆରି ହୋଇଛି। ହେଲେ ଏବେ ସେ ସର୍ଭିସ ରୋଡ଼ରେ ଲୋକଙ୍କ ଯାତାୟାତ ପାଇଁ ସୁବିଧା ନାହିଁ। ଉକ୍ତ ରାସ୍ତାରେ ବେଆଇନ ଭାବେ ଗାଡ଼ି ପାର୍କିଂ କରାଯାଉଛି। ସୂଚନା ଯୋଗ୍ୟ, ଅଇଁଠାପାଲି ଦେଇ ନିତିଦିନ ଲକ୍ଷାଧିକ ଗାଡି ଯିବା ଆସିବା କରିଥାଏ। ଯାହ ଫଳରେ ବେଳେ ବେଳେ ଗାଡ଼ିମଟର ଜାମ ହେବାର ପରିସ୍ଥିତି ସୃଷ୍ଟି ହୋଇଥାଏ। ଉଭୟ ପାର୍ଶ୍ୱରେ ସର୍ଭିସ ରୋଡ଼ ନିର୍ମାଣ କରାଯାଇଛି। ସହର ଲୋକ ତଥା ଦୁଇଚକିଆ ଯାନ, ଚାରିଚକିଆ ସହଜରେ ଉକ୍ତ ରାସ୍ତଦେଇ ଯାଇ ପାରିବେ। ଅଇଁଠାପାଲି ବସଷ୍ଟାଣ୍ଡ ଥିବାରୁ ବସ୍ ଗୁଡ଼ିକ ମଧ୍ୟ ସର୍ଭିସରୋଡ଼ ଦେଇ ବସଷ୍ଟାଣ୍ଡ ଭିତରକୁ ଯାଇଥାଏ। ଅନ୍ୟ ଏକ ପାର୍ଶ୍ୱରେ ପାଞ୍ଚଗଛିଆ ଛକ ଦେଇ ସହରର ଅନ୍ୟ ସ୍ଥାନ ପାଇଁ ରାସ୍ତା ରହିଛି। ହେଲେ ଏବେ ଏହି ରାସ୍ତା ଗାଡ଼ି ପାର୍କିଂ କବଳରେ ରହିଛି। ଯାହା ଫଳରେ ସର୍ଭିସ ରୋଡରେ ସବୁବେଳେ ଜାମ ପରିସ୍ଥିତି ସୃଷ୍ଟି ହେଉଛି। ପ୍ରକାଶଥାଉକି ଉଭୟ ପାର୍ଶ୍ୱରେ ଅନେକ ଟ୍ରକ ଗ୍ୟାରେଜ ରହିଛି। ଯେଉଁଥି ପାଇଁ ଟ୍ରକ୍ ଗୁଡ଼ିକ ବହୁ ସମୟ ଧରି ରାସ୍ତା ଉପରେ ରହୁଛନ୍ତି। ଯାହା ଫଳରେ ଅନ୍ୟ ଗାଡ଼ି ଚାଳକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ୟାରେଜ ଗୁଡିକ ରହିଛି। କିନ୍ତୁ ସେମାନଙ୍କର ନିଜସ୍ୱ ପାର୍କିଂ ସୁବିଧା ନାହିଁ। ଗାଡ଼ି ମରାମତି କାର୍ଯ୍ୟ ଦୁଇ ତିନି ଦିନ ଯାଏଁ ରାସ୍ତ ଉପରେ ପକାଇ କରୁଛନ୍ତି। ମୁଖ୍ୟତଃ ସନ୍ଧ୍ୟା ହେଲେ ପାଞ୍ଚଗଛିଆ ଛକ ଦେଇ ଆସିଥିବା ସର୍ଭିସ ରୋଡରେ ଅସମ୍ଭାଳ ଭିଡ଼ ହେଉଛି। ଦୁଇ ଚକିଆ ଗାଡିବାଲା ଅଧିକ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ବେଳେ ବେଳେ ଆମ୍ବୁଲାନ୍ସ ମଧ୍ୟ ଭିଡ଼ ଭିତରେ ଫସି ରହୁଛି। ହେଲେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନାହିଁ। ଜାତୀୟ ରାଜପଥରେ ରାଜ୍ୟ ତଥା ଜିଲ୍ଲା ବାହାର ଗାଡ଼ି ଯାତାୟାତ କରୁଛି। ତେଣୁ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଏହି ସର୍ଭିସ ରୋଡ଼ ନିର୍ମାଣ କରାଯାଇଥିଲା। ହେଲେ ଏବେ ଟ୍ରକ୍ ପାର୍କିଂରେ ବ୍ୟବହାର ହେଉଛି। ରାସ୍ତାରେ ନାହିଁ ନଥିବା ଭିଡ଼ ସୃଷ୍ଟି ହୋଇ ଜାମ ପରିସ୍ଥିତି ମଧ୍ୟ ଉପୁଜୁଛି। ହେଲେ ଜିଲ୍ଲା ପୁଲିସ, ପରିବହନ ବିଭାଗ ଏଥି ପ୍ରତି ସ୍ଥାୟୀ ସମାଧାନ କରୁନାହାନ୍ତି। କେବେଳ ହେଲମେଟ ଚେକିଂ କରି ନିଜ ଦାୟିତ୍ୱ ସମ୍ପୂର୍ଣ୍ଣ କରିଦେଉଥିବା ଅଭିଯୋଗ ହେଉଛି। ଗାଡ଼ି ଯାଞ୍ଚ ଯେପରି ଚାଲିଛି, ସେହିପରି ଅବାଧ ପାର୍କିଂକୁ ମଧ୍ୟ ହଟାଇବାକୁ ଦାବି ହୋଇଛି। ଭିଡ଼ ଯୋଗୁଁ ଦୁର୍ଘଟଣା ମଧ୍ୟ ଘଟୁଛି। ଏଥିପ୍ରତି ଉଭୟ ବିଭାଗ ଦୃଷ୍ଟି ଦେଇ ସ୍ଥାୟୀ ସମାଧାନର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

**ସର୍ଭିସ ରୋଡରେ ଚାଲିଛି ଗାଡ଼ି ସର୍ଭିସିଂ**

# ମହୁକୁଦ ସେବାଶ୍ରମ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ନାକଟିଦେଉଳ, ୧୮ ।୧୨(ସମିସ):** ନାକଟିଦେଉଳ ବ୍ଲକ ଅନ୍ତର୍ଗତ ମହୁକୁଦ ସେବାଶ୍ରମ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ କ୍ରୀଡା ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ସୁଭାସିନୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସ୍କୁଲ୍ ନିରୀକ୍ଷକ ଅଚ୍ୟୁତାନନ୍ଦ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ନାକଟିଦେଉଳ କନିଷ୍ଠ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ କନ୍ଦର୍ପ ରାଉଳ, ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର୍ ଦୀପେନ୍ କୁମାର ପଟ୍ଟନାୟକ, ଗ୍ରାମକମିଟିର ପୂର୍ବତନ ସଭାପତି ନିରାକାର ବିଶ୍ୱାଳ, ପୂର୍ବତନ ଛାତ୍ର ସଂଘର ସଭାପତି ସନ୍ତୋଷ ବେହେରା ଓ ସ୍କୁଲ୍ ପରିଚାଳନା କମିଟିର ସଭାପତି ମନୋରଞ୍ଜନ ସାହୁ ଯୋଗ ଦେଇ ମହୁକୁଦ ସେବାଶ୍ରମ ବିଦ୍ୟାଳୟ ର ମହାନତା ତଥା ବିଦ୍ୟାର୍ଥୀଙ୍କର କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସହକାରୀ ଶିକ୍ଷକ ସୌଭାଗ୍ୟ ମେହେର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ରିଙ୍କୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ପ୍ରତିଯୋଗୀ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା।

## ମଦ ଜବତ; ୨ ଗିରଫ

**ସମ୍ବଲପୁର, ୧୮ ।୧୨ (ସମିସ):** ସମ୍ବଲପୁର ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ୍ ପକ୍ଷରୁ ଅଇଁଠାପାଲି ଛକ ଓ ସରଧାପାଲିରେ ୪୧ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହା ସହ ୨ ଜଣକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନେଇ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ ସମ୍ବଲପୂର ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ ପକ୍ଷରୁ ଅଇଁଠାପାଲି ଛକରେ ଅଶୋକ ମୁଣ୍ଡା ଠାରୁ ୨୫ ଲିଟର ଦେଶୀମଦ ଜବତ କରାଯିବା ସହ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେହିପରି ସରଧାପାଲି ଠାରେ ସରସ୍ୱତୀ ଓରାମଙ୍କ ଠାରୁ ୧୬ ଲିଟର ଦେଶୀ ମଦ ଜବତ କରାଯିବା ସହ ତାଙ୍କୁ ମଧ୍ୟ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

# ଜୀବନ ବଞ୍ଚିବାର ଉତ୍କୃଷ୍ଟ ମାର୍ଗ 'ଧ୍ୟାନ'

**ସମ୍ବଲପୁର, ୧୮ ।୧୨(ସମିସ):** ପିରାମିଡ୍ ଧ୍ୟାନ କେନ୍ଦ୍ର ସମ୍ବଲପୁର ଆନୁକୂଲ୍ୟରେ ସ୍ଥାନୀୟ ସାମ୍ବାଦିକ ଭବନରେ ମଙ୍ଗଳବାର ମହିଳା ଓ ପୁରୁଷଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପୂର୍ବାହ୍ନ ୧୦ଟାରୁ ୧୧ ପର୍ଯ୍ୟନ୍ତ ଚାଲିଥିବା ଧ୍ୟାନ କାର୍ଯ୍ୟକ୍ରମରେ ୫୦ରୁ ଅଧିକ ମହିଳା, ପୁରୁଷ



ଧ୍ୟାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ଧ୍ୟାନ ବିଶେଷଜ୍ଞା ତଥା ପ୍ରଶିକ୍ଷିକା ସାରିକା ସରାଫ୍ ସାମୂହିକ ଧ୍ୟାନ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଏଥିରେ ସାମିଲ ସାମିଲ ହୋଇଥିଲେ। ଆୟୋଜନରେ ପିରାମିଡ୍ ଧ୍ୟାନ କେନ୍ଦ୍ର ସମ୍ବଲପୁରର ଅନୁପମା ନାୟକ, ପିଙ୍କି ପୁରୋହିତ, ରିଙ୍କି ପୁରୋହିତ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପ୍ରଶିକ୍ଷିକା ସାରିକା ସରାଫ କହିଛନ୍ତି ସେ ୨୦୦୫ ମସିହାରୁ ନିୟମିତ ଭାବେ ଧ୍ୟାନ ଅଭ୍ୟାସ କରିବା ଆରମ୍ଭ କରିଥିଲେ। ୨୦୧୫ ମସିହାରୁ ଧ୍ୟାନର ପ୍ରଚାର ପସାର ପାଇଁ ନିଶୁଳ୍କ ପ୍ରଶିକ୍ଷଣ ଦେଉଛନ୍ତି। କେଭଳ ଦେଶରେ ନହେଁ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ପ୍ରଚାର ସହିତ ନିଶୁଳ୍କ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ସେ କହିଛନ୍ତି ଧ୍ୟାନ ଦ୍ୱାରା ପରିବାର ଓ ବ୍ୟକ୍ତି ବିଶେଷଙ୍କ ଦୁଃଖଦୂର ଠାରୁ ଆରମ୍ଭ କରି ସୁଖଶାନ୍ତି ଓ ପ୍ରତ୍ୟେକ କ୍ଷେତ୍ରରେ ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହୋଇଥାଏ। ଯଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଯେକୌଣସି କ୍ଷେତ୍ରରେ ସଫଳତା ମଧ୍ୟ ମିଳିଥାଏ। ତେବେ ସେ ଧ୍ୟାନର ନିଶୁଳ୍କ ପ୍ରଶିକ୍ଷଣ ପୂର୍ବକ ପ୍ରଚାର କରି ଦେଶର ଯୁବଗୋଷ୍ଠୀଙ୍କୁ ସୁନାଗରିକ ଭାବେ ଗଢ଼ି ତୋଳିବା ସହ ଜୀବନ ବଞ୍ଚିବାର ଉତ୍କୃଷ୍ଟ ମାର୍ଗ ପ୍ରଦର୍ଶନ କରିବା ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି।

# ଶ୍ୟାମ ମେଟାଲିକ୍ସ ପୁରସ୍କୃତ

**ସମ୍ବଲପୁର, ୧୮ ।୧୨(ସମିସ):** ସମ୍ବଲପୁର ଏଣ୍ଡ ଏନର୍ଜି ଲିମିଟେଡକୁ କଳିଙ୍ଗ ପଣ୍ଡଲୋଇ ସ୍ଥିତ ଶ୍ୟାମ ମେଟାଲିକ୍ସ ସେଫ୍ଟି ଏକ୍ସିଲେନ୍ସ ଆୱାର୍ଡରେ ସମ୍ମାନିତ



କରାଯାଇଛି। ଭୁବନେଶ୍ୱରସ୍ଥିତ ହୋଟେଲ ଦି ନିଉ ମ୍ୟାରିଅନରେ ସେଫ୍ଟି କନକ୍ଲେଭ ୨୦୨୪ ଉଦ୍‌ଯାପିତ ହୋଇଯାଇଛି। ଏହି ସମାରୋହରେ ୨୦୨୩ ବର୍ଷ ପାଇଁ କମ୍ପାନୀକୁ କଳିଙ୍ଗ ସେଫ୍ଟି ଏକ୍ସିଲେନ୍ସ ଆୱାର୍ଡରେ ଗୋଲ୍ଡ ବର୍ଗରେ ସମ୍ମାନିତ କରାଯାଇଛି। ଆୱାର୍ଡ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଠାରୁ କଂପାନି ପକ୍ଷରୁ ମାନବ ସମ୍ବଳ ବିଭାଗ ମୁଖ୍ୟ ଭୂପେନ୍ଦ୍ର ସିଂ କୁଶୱାହା ଓ ସୁରକ୍ଷା ବିଭାଗ ମୁଖ୍ୟ ଇନ୍ଦ୍ରଜିତ ସିଂ ଗ୍ରହଣ କରିଥିଲେ।



ଜମନକିରାରେ ଶୀତ ଲହରୀ

# ଏମ୍‌ସିଏଲ୍‌ର ୫ଟି କୋଇଲା ଖଣିକୁ ନିରାପତ୍ତା ଉତ୍କର୍ଷ ପୁରସ୍କାର

**ବୁର୍ଲା, ୧୮ ।୧୨ (ସମିସ):** ୨୦୨୩ରେ ଉଲ୍ଲେଖନୀୟ ସୁରକ୍ଷା ପ୍ରଦର୍ଶନ ପାଇଁ ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍)ର ୫ଟି କୋଇଲା ଖଣିକୁ କଳିଙ୍ଗ ସେଫ୍ଟି ଏକ୍ସଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଛି। ପ୍ଲାଟିନମ୍ ବର୍ଗରେ ସିଆରମାଲ ଓ ଅନନ୍ତ ଓପନ୍ କାଷ୍ଟ ଖଣି ପୁରସ୍କୃତ ହୋଇଥିବା ବେଳେ କଣିହା ଖୋଲାମୁହଁ ଖଣି, କୁଲଦା ଓପନ୍ କାଷ୍ଟ ଖଣି ଓ ବସୁନ୍ଧରା (ପଶ୍ଚିମ) ଓପନ୍ କାଷ୍ଟ ଖଣି ସ୍ୱର୍ଣ୍ଣ ବର୍ଗରେ ପୁରସ୍କୃତ ହୋଇଛନ୍ତି। ଭୁବନେଶ୍ୱରରେ ଆୟୋଜିତ ସୁରକ୍ଷା ସମ୍ମିଳନୀ-୨୦୨୪ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପୁରସ୍କାର ପ୍ରଦାନ କରିଥିଲେ। ଏହାର ପରିଚାଳନାରେ ସୁରକ୍ଷିତ କାର୍ଯ୍ୟ ଅଭ୍ୟାସ ବଜାୟ ରଖିବାରେ ନିରାପତ୍ତା ଏବଂ ସକ୍ରିୟ ଅବଦାନ ପାଇଁ ଏମସିଏଲକୁ ପୁରସ୍କୃତ କରାଯାଇଛି। ଏମ୍‌ସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଟିମ୍‌ର ଉଦ୍ୟମକୁ ପ୍ରଶଂସା କରିଛନ୍ତି।



## ବିପୁଳ ମଦ ଜବତ

**ବୁର୍ଲା, ୧୮ ।୧୨ (ସମିସ):** ବୁର୍ଲା ପୁଲିସ ଦ୍ୱାରା ୱାନ ଆର୍ କଲୋନୀରୁ ବ୍ୟାପକ ପରିମାଣର ମଦ ଜବତ କରାଯାଇଛି। ୱାନଆର କଲୋନୀରେ ବିଦେଶୀ ମଦ ବେଆଇନ ଭାବରେ ବିକ୍ରି ହେଉଥିବା ନେଇ ବୁର୍ଲା ପୁଲିସ ଖବର ପାଇଥିଲା। ପୁଲିସ ଚଢ଼ଉ କରିବା ପରେ ଅଭିଯୁକ୍ତ ଶମ୍ଭୁ ଲୁହାଙ୍କ ଘରୁ ୨୨ଲିଟର ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଜବତ କରି ଶମ୍ଭୁକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଗୁଣ୍ଡୁରୁଟୁଆଁ କ୍ଲଷ୍ଟରର ବାର୍ଷିକ କ୍ରୀଡ଼ା

**ଜମନକିରା, ୧୮ ।୧୨(ସମିସ):** ମଙ୍ଗଳବାର ଦିନ ଜମନକିରା ବ୍ଲକ ଗୁଣ୍ଡୁରୁଟୁଆଁ କ୍ଲଷ୍ଟରର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟରର ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପଢୁଥିବା ମୋଟ ୫୯୨ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ଥିଲେ। ଅଭିଭାବକମାନେ ମଧ୍ୟ ନିଜ ଶିଶୁମାନଙ୍କ କ୍ରୀଡ଼ା କୌଶଳ ଦେଖି ବେଶ ଖୁସି ଅଛନ୍ତି। ଗୁଣ୍ଡୁରୁଟୁଆଁ କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀକାନ୍ତ ପଟେଲ ସରକାରଙ୍କ ପ୍ରାୟସରେ ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ନିମିତ୍ତ ହୋଇଥିବା ବିଦ୍ୟାଳୟସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶିଶୁମାନେ ପ୍ରାୟ ୨୫ ପ୍ରକାରର ଖେଳରେ ଭାଗ ନେଇଥିଲେ। ପ୍ରତିଯୋଗିତା ଗୁଡ଼ିକୁ ବିଦ୍ୟାଳୟସ୍ତରରେ ଦେବଚନ୍ଦ୍ର ଠାକୁର, ଚମ୍ପାବତୀ ପଟେଲ, ଧନଞ୍ଜୟ ବେହେରା, ସୁଶାନ୍ତ କିଶାନ, ଅଶ୍ୱିନୀ ପଟେଲ, ସୁଜାତା ନାୟକ, ହିମାଦ୍ରି ଭୋଇ, ସୁଶାନ୍ତ ଭଞ୍ଜ, ସବିତା ଗର୍ଡ଼ିଆ, ଉର୍ବଶୀ କିଶାନ, ତପସ୍ୱିନୀ ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ। ଗୁଣ୍ଡୁରୁଟୁଆଁ କ୍ଲଷ୍ଟରର ସମସ୍ତ ଆଠଗୋଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି।

# ପ୍ରଦୀପ ଭୋଳଙ୍କ ସ୍ମୃତିସଭା

**ସମ୍ବଲପୁର, ୧୮ ।୧୨(ସମିସ):** ଧନୁପାଲି ମଞ୍ଚ ନାୟକ ପକ୍ଷରୁ ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ, ଚଳଚ୍ଚିତ୍ର ପ୍ରଯୋଜକ ପ୍ରଦୀପ ଭୋଳଙ୍କ ଦ୍ୱିତୀୟ ପୁଣ୍ୟତିଥିରେ ବୁଧବାର ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ତଥା ସମ୍ପାଦକ ପ୍ରଦୀପ ପଣ୍ଡା, ସଭାପତି ସୁରେଶ ଚନ୍ଦ୍ର ତ୍ରିପାଠୀ, ଦ୍ୱାରିକାନାଥ ନାୟକ, ସଞ୍ଜୀବ ପାଢ଼ୀ, ମମତା ପଣ୍ଡା, ଲୋପାମୁଦ୍ରା ପ୍ରଧାନ, ମାନଭଞ୍ଜନ ମିଶ୍ର ଓ ପ୍ରଶାନ୍ତ ମାଝୀ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

■ ତେଲିଘଣା ସରକାରୀ ପ୍ରାଥମିକ ବିଦ୍ୟାଳୟ

# ଶିକ୍ଷକ ଦାବିରେ ଫାଟକରେ ତାଲା ପକାଇ ଧାରଣା

**ରେଢ଼ାଖୋଲ, ୧୮ ।୧୨(ସମିସ)**

ପାଞ୍ଚ ଟି ଶ୍ରେଣୀକୁ ଜଗୁଛନ୍ତି ଜଣେ ମାତ୍ର ଶିକ୍ଷକ। ବାରମ୍ବାର ଶିକ୍ଷକ ନିଯୁକ୍ତି ଦାବି ନେଇ ଗୁହାରୀ କରିଛନ୍ତି। କିନ୍ତୁ କୌଣସି ସୁଫଳ ମିଳି ପାରିଲା ନାହିଁ। ଶେଷରେ ନିରୁପାୟ ହୋଇ ବିଦ୍ୟାଳୟ ପରିଚାଳନା କମିଟି, ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିରହିଲେ। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଗରଗଡ଼ବାହାଲ ପଞ୍ଚାୟତ ଅଧୀନ ତେଲିଘଣା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ତାଲା ପକାଇ ଧାରଣା ଦେଇଥିଲେ। ଏହି ବିଦ୍ୟାଳୟରେ ୩୦



ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ବିଦ୍ୟାଳୟ ଭବିଷ୍ୟତକୁ ନେଇ ଶିକ୍ଷକ ନିଯୁକ୍ତି ଦାବି ନେଇ ବୁଧବାର ଦିନ ସକାଳୁ ବିଦ୍ୟାଳୟ ପରିଚାଳନା କମିଟି, ଗ୍ରାମବାସୀ, ଛାତ୍ରଛାତ୍ରୀ ଏବଂ ଅଭିଭାବକ ମିଳିତ ଭାବେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି। ବିଦ୍ୟାଳୟରେ ଦୀର୍ଘ ୧ ବର୍ଷ ହେବ ୩୦ ଜଣ ଛାତ୍ରଛାତ୍ରୀଙ୍କୁ ଜଣେ ମାତ୍ର ଶିକ୍ଷକ ପାଠ ପଢ଼ାଇବା ବଦଳରେ କେବଳ ଛାତ୍ରଛାତ୍ରୀଙ୍କୁ ଜଗି ରହିଛନ୍ତି। ଏଥିରେ ସ୍କୁଲ ପରିଚାଳନା କମିଟି ପୂର୍ବରୁ ରେଢ଼ାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ନାୟକଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଶେଷରେ ବିଇଓଙ୍କୁ ଜଣାଇ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସି ରହିଛୁ, ଯେତେ ଦିନ ପର୍ଯ୍ୟନ୍ତ ପ୍ରଶାସନ ଶିକ୍ଷକ ନିଯୁକ୍ତି ନ ଦେବେ, ଧାରଣାରୁ ହଟିବୁ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ବିଦ୍ୟାଳୟରେ ସମସ୍ୟା ରହିଛି ଆସନ୍ତାକାଲି ସମାଧାନ କରାଯିବ ବୋଲି ରେଢ଼ାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ କହିଛନ୍ତି।

# ରେଳ ମଣ୍ଡଳରେ ରକ୍ତଦାନ ଶିବିର



**ସମ୍ବଲପୁର, ୧୮ ।୧୨(ସମିସ):** ସମ୍ବଲପୁର ଡିଭିଜନାଲ ରେଳ ହସ୍ପିଟାଲରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ବିଭାଗୀୟ ରେଳ ପରିଚାଳକ ତୁଷାର କାନ୍ତ ପାଣ୍ଡେ ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଏହାସହ ନିଜେ ମଧ୍ୟ ରକ୍ତଦାନ କରିଥିଲେ। ସମୁଦାୟ ୫୧ ଜଣ ରେଳ ଅଧିକାରୀ, କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ରକ୍ତଦାନ କରିଥିଲେ।ଏହି ଅବସରରେ ରେଳମଣ୍ଡଳର ଅତିରିକ୍ତ ବିଭାଗୀୟ ରେଳ ପରିଚାଳକ ଆନନ୍ଦ ସିଂ, ଡିଭିଜନାଲ ରେଳ ହସ୍ପିଟାଲର ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକ୍ଷକଙ୍କ ସମେତ ସମ୍ବଲପୁର ରକ୍ତକେନ୍ଦ୍ର ପକ୍ଷରୁ ଏହାର ଅଧିକାରୀ ଓ କର୍ମଚାରୀମାନେ ଶିବିରକୁ ପରିଚାଳନାରେ ସହଯୋଗ କରିଥିଲେ।

